ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଏପ୍ରିଲ ୩-୧୬, ୨୦୧୯


**ସୃଜନ-ଆଳାପ :** ଶଙ୍ଖ ଘୋଷ

**ଅନୁବାଦ ଗଳ୍ପ :** ଆଂଟନ ଚେଖଭ

**ପ୍ରଥମ ବହି :** ସୌମ୍ୟା ମହାପାତ୍ର

**ସ୍ମରଣୀୟ :** କୃପାସାଗର ସାହୁ

**ପହିଲି ପୁଲକ :** ଗୀତାଞ୍ଜଳି ମହାନ୍ତି








# ଗୋଡ଼ମୁଦି

କମର୍ସ, ଫାଇନାନ୍ସ, ବ୍ୟାଙ୍କିଙ୍ଗ୍‌ର ଛାତ୍ରୀ ହୋଇ ମଧ୍ୟ ଓଡ଼ିଆ ସାହିତ୍ୟ ମୋର ପ୍ରଥମ ପସନ୍ଦ ଥିଲା କଲେଜବେଳୁ। ପାଠବହି ଭିତରେ ଲୁଚେଇ ଲୁଚେଇ ଉପନ୍ୟାସ ପଢ଼ିବାର ମୋହ ଆଉ ପକେଟ୍‌ମନି ବଞ୍ଚାଇ ପ୍ରିୟ କଥାକାରଙ୍କ ବହି ସବୁରେ ଘର ସଜ୍ଜା ହେବା ସ୍ମୃତି ବେଶ୍ ସତେଜ ଦିଶେ ଆଜି ପଛକୁ ବୁଲି ଦେଖିଲେ। ନବେ ଦଶକର ମାଟି, ପାଣି, ପବନ, ପାରିବାରିକ ଅନୁଶାସନ ଭିତରେ ବିନା ଟେକ୍ନୋଲୋଜିର ଚାପ ଓ ଛାପରେ ବଡ଼ ହୋଇଥିବା ପିଲାଟି ଓଡ଼ିଆ ଗଳ୍ପ ପଢ଼ିବା ବା ଲେଖିବା ନିଶାରେ ମସଗୁଲ୍ ହେବା କିଛି ଅସ୍ୱାଭାବିକ ନୁହେଁ। ନିଜ ଭିତରର ଅନେକ ଅକୁହା କଥା, ସମାଜର ଅସଜଡ଼ା ଚିତ୍ର ଓ ଚରିତ୍ର ମୋ' ଭିତରେ ଅନେକ ସମୟରେ ଛାଟିପିଟି ହୁଅନ୍ତି ଏବଂ ପ୍ରକାଶିତ ହେବା ପାଇଁ ଗଳ୍ପକୁ ମାଧ୍ୟମ ଭାବେ ଆପେଆପେ ବାଛି ନିଅନ୍ତି। ଛପା ଅକ୍ଷରର ମୋହ ଓ ଶବ୍ଦଶିଳ୍ପୀ ହେବାର ସ୍ୱପ୍ନକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ କଲେଜ ପଢ଼ିବାବେଳୁ ଆଜି ପର୍ଯ୍ୟନ୍ତ ଅନେକ ଗଳ୍ପ 'ଧରିତ୍ରୀ' ସମେତ ଓଡ଼ିଶାର ବିଭିନ୍ନ ଖବରକାଗଜ, ସାପ୍ତାହିକୀ ଓ ମାସିକ ପତ୍ରିକାଗୁଡ଼ିକରେ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି।



ସୌମ୍ୟା ମହାପାତ୍ର

**ସୌମ୍ୟା ମହାପାତ୍ରଙ୍କ ଜନ୍ମ ୧୦ ମେ ୧୯୮୮ରେ, ଭୁବନେଶ୍ୱରରେ । ଆଲିଆନ୍ସ ବିଶ୍ୱବିଦ୍ୟାଳୟ ବାଙ୍ଗାଲୋରରୁ ଫାଇନାନ୍ସରେ ଏମ୍.ବି.ଏ.। ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଚାକିରି, ହେଲେ ଗଳ୍ପ ରଚନା ତାଙ୍କ ଖୁସି। 'ଗୋଡ଼ମୁଦି' (୨୦୧୭) ଓ 'ବାଲିଘର' (୨୦୧୯) ତାଙ୍କର ପ୍ରକାଶିତ ଗଳ୍ପଗ୍ରନ୍ଥ। ପ୍ରଥମ ବହି ପାଇଁ ୨୦୧୭ରେ ତାଙ୍କୁ ମିଳିଛି 'ଟାଇମ୍‌ପାସ୍ ପ୍ରଥମା ପୁରସ୍କାର' ଓ 'କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର'।**

ଇଟା, ମାଟି, ସିମେଣ୍ଟ ଲଗାଇ, ଟାଇଲ୍ ପକାଇ ନିଜର ନାମଫଳକ ଝୁଲାଇ ମଣିଷ ଯେମିତି ନିଜ ସ୍ୱପ୍ନର ଘରଟି କରେ ମୁଣ୍ଡ ଗୁଞ୍ଜିବାକୁ, ଠିକ୍ ସେମିତି ନିଜର ସମୁଦାୟ ଆବେଗ, କଳ୍ପନା, ବାସ୍ତବତା, ପ୍ରେମ ଓ ପ୍ରତାରଣାକୁ ନେଇ ଗଢ଼ା ମୋର ଗଳ୍ପସବୁ; ଯହିଁରେ ଗଳ୍ପର ଲେଖିକା ଭାବେ ମୁଁ କେବଳ ମୁଣ୍ଡ ଗୁଞ୍ଜିଛି।




କର୍ପୋରେଟ୍ ଚାକିରି ଛାଡ଼ି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଗପ ବହିଟିଏ କରିବା ମୋ' ସ୍ୱପ୍ନର ବାହାରେ ଥିଲା। ଟାଇମ୍‌ପାସ୍ ପ୍ରକାଶନ ସଂସ୍ଥା ଦ୍ୱାରା ୩୦ବର୍ଷରୁ କମ୍ ପ୍ରଜନ୍ମର କଥାଶିଳ୍ପୀଙ୍କୁ ନେଇ ପ୍ରଥମ ବହିଟିଏ ପ୍ରକାଶ ପାଇବାର ପ୍ରତିଯୋଗିତାର ଆକର୍ଷଣକୁ ଏଡ଼େଇ ପାରି ନ ଥିଲି। ସୌଭାଗ୍ୟବଶତଃ ୨୦୧୭ ଟାଇମ୍‌ପାସ୍ 'ପ୍ରଥମା' ପୁରସ୍କାର ବିଜୟିନୀ ହୋଇଥିଲି। ବହିଟି ପାଇଁ ମୋ' ପ୍ରିୟ ଔପନ୍ୟାସିକା ଡ. ପ୍ରତିଭା ରାୟଙ୍କ ହାତରୁ ପୁରସ୍କୃତ ହେବା ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ମୋ' ପାଇଁ। ୨୦୧୭ ରାଜଧାନୀ ଭୁବନେଶ୍ୱରରେ ଡିସେମ୍ବରର ଏକ ଶୀତ ସନ୍ଧ୍ୟାରେ ପୁସ୍ତକମେଳା ମଞ୍ଚରେ ଲୋକାର୍ପଣ ହେଲା ମୋର ପ୍ରଥମ ମାନସ ସନ୍ତାନ 'ଗୋଡ଼ମୁଦି'। ବହିଟି ପାଠକାଦୃତ ହୋଇଛି କି ନାହିଁ କହିପାରିବି ନାହିଁ, ହେଲେ ମୋତେ ଗାଳ୍ପିକ ହେବାର ସକଳ ଦମ୍ଭ, ସ୍ୱପ୍ନ ଓ ସମ୍ଭାବନା ଯୋଗାଇଦେଇଛି। ମୋର ପ୍ରତିଟି ଅନ୍ତରଙ୍ଗ ଅବସର ଉତ୍ସର୍ଗୀକୃତ ହେଉ, ସାହିତ୍ୟ ସର୍ଜନାରେ ଏହାଠୁଁ ଅଧିକ ବା ମୁଁ କ'ଣ ଆଶା କରିବି।




# 'ତୁଠ ଛୁଇଁଛୁଇଁ ବହି ଯାଉଥିବା ନଈ' ଚମତ୍କାର...




ମହାଶୟ,

* 'ଅବଲୋକନ' ସ୍ତମ୍ଭରେ ''ତୁଠ ଛୁଇଁଛୁଇଁ ବହି ଯାଉଥିବା ନଈ'' ଚମତ୍କାର। ତା ୦୬ରୁ ୧୯ ମାର୍ଚ୍ଚ ୨୦୧୯ରିଖ 'ସାହିତ୍ୟାୟନ'ର 'ପ୍ରଥମ ବହି' ଶୀର୍ଷକରେ ଇପ୍‌ସିତା ଷଡ଼ଙ୍ଗୀଙ୍କ ପ୍ରଥମ କବିତା ବହି 'ପକ୍ଷୀ ଫେରିନି' ସମ୍ବନ୍ଧେ ତାଙ୍କର ସାରସ୍ୱତ ରୋମାଞ୍ଚକର ଅନୁଭୂତି ସୁନ୍ଦରଭାବେ ବର୍ଣ୍ଣିତ। କବି ପ୍ରମୋଦ କୁମାର ମହାନ୍ତି ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ପ୍ରଖ୍ୟାତ କବି ରମାକାନ୍ତ ରଥଙ୍କ କବିତା ଓ କବିତା ପୁସ୍ତକ ''କେତେ ଦିନର''କୁ ଅନେକ ପ୍ରଖ୍ୟାତ କବିଙ୍କ ରଚନାଶୈଳୀ ସହ ତୁଳନାତ୍ମକଭାବେ ଲେଖିଛନ୍ତି। ଏପରି ବ୍ୟାଖ୍ୟା ସ୍ୱତନ୍ତ୍ର ଓ ଅଭିନବ। ଜୟନ୍ତୀ ରଥଙ୍କ 'ସନ୍ତକ' ଗଳ୍ପଟି ସତ୍ୟ ତଥା ଜୀବନ୍ତ ଲାଗିଲା। ମୁଁ ମୋ' ନାତୁଣୀର ଫ୍ରକ୍ ରଖିଛି କେବଳ ତା' ଶୈଶବକୁ ସଜୀବ ରଖିବା ପାଇଁ– ଶରତ କୁମାର ରାଉତଙ୍କ ତାମିଲ ଭାଷାରୁ ଅନୂଦିତ ଗଳ୍ପ 'ଆତ୍ମଗୋପନ' ଭଲ ଲାଗିଲା। ଗଳ୍ପ 'ମହାଦଶା', ଲଘୁଗଳ୍ପ 'ଭୋକ' ଉତ୍ତମ। କବିତା 'ନାଲି ଗାମୁଛା', ଚାରିଟି ମନୋମୁଗ୍ଧକର ମିନି କବିତା, 'ଢେଉ' ମନମତାଣିଆ ହୋଇଥିବାବେଳେ ଗୀତି–କବିତା 'ମଣିଷ ବୁଝେନି କିଆଁ' ମୋର ମନ ମୋହିନେଲା। ପ୍ରିୟବ୍ରତ ପାତ୍ରଙ୍କ 'ପହିଲି ପୁଲକ' ଅନୁଭୂତି ମନକୁ ଛୁଇଁଲା। 'ପୁସ୍ତକ ପରିଚୟ' କ୍ରମରେ 'ଏ ପର୍ଯ୍ୟନ୍ତ', 'ବହୁଭାଷୀ ଶବ୍ଦକୋଷ', 'ମନ ପ୍ରଜାପତି ଉଡ଼େ ପ୍ରୀତିଫୁଲେ', 'ଲୋକ ସଂସ୍କୃତି', 'ଅଭୁଲା ବ୍ୟକ୍ତିତ୍ୱ' ଓ 'ଇପ୍‌ସିତା' ସମ୍ବନ୍ଧରେ ଜାଣିହେଲା। ପନ୍ଦର ଦିନରେ ମିଳେ ସାହିତ୍ୟାୟନ– ଖୁସି ହୁଏ ପାଠକଙ୍କ ମନ।

*– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ*

* ଏଥର 'ସାହିତ୍ୟାୟନ'ର ପ୍ରଚ୍ଛଦ (ଫେବୃୟାରୀ ୨୦ରୁ ମାର୍ଚ୍ଚ ୫) ଭାବଗର୍ଭକ। ମଣିଷ–ପଶୁ–ପକ୍ଷୀ, ଜଳଚର ସମସ୍ତଙ୍କ ମନରେ ପୂରି ରହିଛି ଆନନ୍ଦ, ସ୍ନେହ, ପ୍ରେମ ଓ ସହଯୋଗିତା। ପ୍ରଥମ ବହି 'ଫୁଲ ପାଖୁଡ଼ା'ରେ କବି ନିରଞ୍ଜନଙ୍କ 'ମୁଖଡ଼ା' ସାରସ୍ୱତ ପରିସରକୁ ଉଜ୍ଜ୍ୱଳ କରିଦେଇଛି। ସୁନୀତି ଦେବୀଙ୍କ ଗଳ୍ପ ପଢ଼ିବା ସହ ମୁଁ ମନେମନେ ତଉଲୁଥିଲି ଶିପ୍ ପାଇଲଟ୍ ଅନିମେଶ ଓ ତାଙ୍କ ସ୍ତ୍ରୀ ସରିତାଙ୍କ ସହ ମୋ' ଝିଅ ଓ ଜ୍ୱାଇଁଙ୍କୁ। ସେ ଯାହାହେଉନା କାହିଁକି ପାରିବାରିକ ପାତରଅନ୍ତରକୁ ଭୃକ୍ଷେପ ନ କରି ବାଣ୍ଟି ନେଇଛନ୍ତି ଗୋଟେ ବଡ଼ ଏମ୍ପାୟାର 'ସରିତା ଅନିମେଶ ନିଳୟ'। ବୋତଲରେ ବନ୍ଦ ଜୀବନ କାହାଣୀକୁ ଅନେକ ଲୋକଙ୍କ ଚାହାଣିକୁ ଆଣିଥିବାରୁ ସାହିତ୍ୟ ପତ୍ରିକା 'ସାହିତ୍ୟାୟନ'କୁ କୋଟିକୋଟି ଧନ୍ୟବାଦ। ବର୍ତ୍ତମାନ ଭାରତୀୟ ସୀମା ସୁରକ୍ଷା ଯବାନଙ୍କ ଶହୀଦ ହେବା ପ୍ରେକ୍ଷାପଟରେ ମଣୀନ୍ଦ୍ର ବାବୁଙ୍କ 'ବିଶ୍ୱ ଦେଖ ମଧୁମୟ' ଏକ ସୁନ୍ଦର କୃତି। ବାସ୍ତବରେ ସମସ୍ତେ ପରମାତ୍ମାଙ୍କ ସନ୍ତାନ, ବିଶ୍ୱର ଅତିଥି, କେହି ପରନୁହଁ, ସମସ୍ତେ ନିଜର। କବିତା କୁଞ୍ଜରେ ଏଥର ଦିନେ ସପନେ ଝିଅ କାନ୍ଦିଥିଲା, ବାପା, ବର୍ଷା, ବାଲିଘରର ସ୍ୱନ ଚମତ୍କାର। ଉପେନ୍ଦ୍ର ଭଞ୍ଜ ପୁରସ୍କାରରେ ସମ୍ମାନିତ ତପସ୍ୱୀ ସାଧକ ମନୋଜ ଦାସଙ୍କ ସଙ୍ଗେ ହୃଷୀ ବାବୁଙ୍କ ସାକ୍ଷାତ୍‌କାର ମୋତି ମାଣିକ୍ୟରେ ଭରା। 'ପହିଲି ପୁଲକ'ରେ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅନୁଭୂତି ପ୍ରେରଣାଦାୟୀ।

*– ସୁସ୍ମିତା ପୁରୋହିତ, ସଦେଇପାଲି, ନୂଆ କଲୋନୀ, ବୁର୍ଲା, ସମ୍ବଲପୁର*

* ୬ ମାର୍ଚ୍ଚ ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପତ୍ରିକା ପାଠକଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ସ୍ତମ୍ଭରେ ପ୍ରକାଶିତ ଜୟନ୍ତୀ ରଥଙ୍କ ଗଳ୍ପ ପାଠ କରିବା ସହ ତାଙ୍କର ବ୍ୟକ୍ତିଗତ ଜୀବନ ତଥା ସାରସ୍ୱତ ଜୀବନ ସମ୍ପର୍କରେ ଅବଗତ ହେଲି। ଜୟନ୍ତୀଙ୍କ ଗଳ୍ପ 'ସନ୍ତକ' ବେଶ୍ ଉଚ୍ଚକୋଟୀର। ଏହି ପୃଷ୍ଠାରେ ସ୍ଥାନିତ ଶରତ କୁମାର ରାଉତଙ୍କ ଅନୂଦିତ ଗଳ୍ପ 'ଆତ୍ମଗୋପନ' ମଧ୍ୟ ମର୍ମସ୍ପର୍ଶୀ ତଥା ରୁଚିପୂର୍ଣ୍ଣ। କବିତା ପୃଷ୍ଠାରେ କବି ହେମନ୍ତ କୁମାର ରାଉତଙ୍କ ରଚିତ 'ନାଲି ଗାମୁଛା' ଏବଂ ଅବନୀ ପ୍ରଧାନଙ୍କ ରଚିତ 'ଢେଉ' ବେଶ୍ ଉଲ୍ଲେଖନୀୟ। ପୃଷ୍ଠା–୬ରେ ସ୍ଥାନିତ ଏମ୍. ହିମାଂଶୁ ଆଚାରୀଙ୍କ ରଚିତ 'ମହାଦଶା' ଗଳ୍ପଟି ଶିକ୍ଷଣୀୟ ହୋଇପାରିଛି। ପତ୍ରିକାରେ ପ୍ରକାଶିତ ଅନ୍ୟ ସମସ୍ତ ଆଲେଖ୍ୟ ବେଶ୍ ପଠନୀୟ ହୋଇପାରିଛି।

*– ବିଜୁ ସାହୁ, ଖଣ୍ଡାଏତା, କଟକ*

* ମାର୍ଚ୍ଚ ୬ରୁ ୧୯ 'ସାହିତ୍ୟାୟନ' ହସ୍ତଗତ ହେଲା। ପ୍ରଥମରୁ ଜଣେ ଅପରାଜେୟ କବିଙ୍କର କବିତ୍ୱ ଚାତୁରୀ ବିଷୟ ମନ ମୋହିଦେଲା। ସେ ହେଲେ ପ୍ରମୋଦ କୁମାର ମହାନ୍ତି। କବି ରମାକାନ୍ତ ରଥଙ୍କ କବିତା ଉପରେ ତାଙ୍କର ତର୍ଜମା ତଥ୍ୟନିଷ୍ଠ ହୋଇପାରିଛି। 'ମହାଦଶା', 'ଆତ୍ମଗୋପନ', 'ସନ୍ତକ' ଗପ ଗୁଣାତ୍ମକ ମାନ ଦୃଷ୍ଟିରୁ ଭଲ। କିନ୍ତୁ ଏହି ଗପ ମୋ' ମନରେ କାଣିଚାଏ ଆନନ୍ଦ ଦେଲାନି। ଏହାପରେ 'ଭୋକ', 'ନାଲି ଗାମୁଛା', 'ମଣିଷ ବୁଝେନି କିଆଁ' ମୋ' ମତରେ ଏଥରକ 'ସାହିତ୍ୟାୟନ'ର ସର୍ବଶ୍ରେଷ୍ଠ ସାରସ୍ୱତ କୃତି। ଏହି ତିନୋଟି ଲେଖା ପତ୍ରିକାର ମାନକୁ ବଢ଼ାଇ ଦେଲା। ଇପ୍‌ସିତା ଷଡ଼ଙ୍ଗୀ ଓ ପ୍ରିୟବ୍ରତ ପାତ୍ର ଦୁଇଜଣ ସ୍ରଷ୍ଟାଙ୍କୁ ଅଜସ୍ର ଅଭିନନ୍ଦନ। ପୁସ୍ତକ ରଚୟିତାମାନଙ୍କୁ ମୋର ଶୁଭେଚ୍ଛା ଏବଂ ଅଭିନନ୍ଦନ। ସେମାନେ ଭାଷା ସାହିତ୍ୟର ସ୍ୱାଭିମାନ ରକ୍ଷାକରି ପୁସ୍ତକ ରଚନା କରିଛନ୍ତି।

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

* ୬–୧୯ ଫେବୃୟାରୀ ୨୦୧୯ ସଂଖ୍ୟା 'ସାହିତ୍ୟାୟନ' ପଢ଼ିଲୁ। କ୍ଷୁଦ୍ରଗଳ୍ପ 'ଅସମାଧିତ' ଗାମ୍ଭୀର୍ଯ୍ୟ ବହନ କରେ। ଏକ ଶିଶୁର ମନରେ ଉଠିଥିବା ପ୍ରଶ୍ନକୁ ଶିଶୁଟିର ମା' ବୁଝାଇବା ପାଇଁ ଯାଇ ନିଜେ ଅବୁଝା ରହିଯାଇଛନ୍ତି। 'ସତରରେ ଶୀତ' ମନରେ କାରୁଣ୍ୟ ଭରିଦେଲା। ତେବେ ମଣିଷମାନଙ୍କଠାରୁ ଜଙ୍ଗଲର ପଶୁପକ୍ଷୀମାନେ ମଣିଷର କେତେ ଆପଣାର– ଏହି କଥାଟିକୁ ଲେଖିକା ସୁନ୍ଦର ଭାବେ ପ୍ରତିପାଦିତ କରିଛନ୍ତି। କବିତାଗୁଡ଼ିକ ଏକକୁ ଆରେକ ବଳି।

*– ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରମ୍ପା, ଭଦ୍ରକ–୧*

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# 'ବଜାର-ସଂସ୍କୃତି' ନଷ୍ଟ କରିଛି ସ୍ରଷ୍ଟାର 'ନିଭୃତି'...

–ଶଙ୍ଖ ଘୋଷ

**ଶଙ୍ଖ ଘୋଷଙ୍କ ଜନ୍ମ ୫ ଫେବୃୟାରୀ ୧୯୩୨ରେ, ପୂର୍ବବଙ୍ଗ (ବାଂଲାଦେଶ)ର ଚାନ୍ଦପୁର ଜିଲାରେ, ତାଙ୍କ ମାମୁଘରେ। ପୈତୃକ ଘର ଢାକା ନିକଟବର୍ତ୍ତୀ ବରିସାଲର ମରାରିପଡ଼ା ଗାଁରେ। କଲକାତାର ପ୍ରେସିଡେନ୍ସି କଲେଜରୁ ୧୯୫୧ରେ ବଙ୍ଗଳା ଭାଷା-ସାହିତ୍ୟରେ ସ୍ନାତକ ଓ କଲକାତା ବିଶ୍ୱବିଦ୍ୟାଳୟରୁ ୧୯୫୪ରେ ସ୍ନାତକୋତ୍ତର। ଯାଦବପୁର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ବିଶ୍ୱଭାରତୀରେ ଯଥାକ୍ରମେ ବଙ୍ଗଳାରେ ପ୍ରଫେସର, ପରିଦର୍ଶୀ ପ୍ରଫେସର ଓ ପରିଦର୍ଶୀ ଫେଲୋ ଭାବେ ବୃତ୍ତି ଜୀବନ ନିର୍ବାହ କରି ସେବା-ବିରତ। ବଙ୍ଗ କବିତାକୁ ଅତୁଳନୀୟ ଅବଦାନ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୭୭), 'ସରସ୍ୱତୀ ସମ୍ମାନ', 'ରବୀନ୍ଦ୍ର ପୁରସ୍କାର', 'ପଦ୍ମଭୂଷଣ' (୨୦୧୧), 'ଦେଶିକୋତ୍ତମ ପୁରସ୍କାର' (ବିଶ୍ୱ ଭାରତୀ) ଓ 'ଜ୍ଞାନପୀଠ ପୁରସ୍କାର' (୨୦୧୬)ରେ ସମ୍ମାନିତ। ତାଙ୍କ ସାମଗ୍ରିକ କବିତା ୧୦ଖଣ୍ଡରେ ପ୍ରକାଶିତ ଓ ୧୧ଶ ଖଣ୍ଡ ସମ୍ପ୍ରତି ପ୍ରକାଶୋଦ୍ୟତ। 'ବାବରେର୍ ପ୍ରାର୍ଥନା' ଓ 'ଗାନ୍ଧର୍ବ କବିତାଗୁଚ୍ଛ' କବିତାଗ୍ରନ୍ଥ ତଥା 'ନିଃଶବ୍ଦ କି ତର୍ଜନୀ', 'କଳ୍ପନାର ହିସ୍ଟ୍ରିୟା' ଓ 'କବିତାର ମୁହୂର୍ତ୍ତ' ସମାଲୋଚନା ଗ୍ରନ୍ଥ ତାଙ୍କ ଏକାଧିକ ଉଲ୍ଲେଖନୀୟ ସୃଷ୍ଟି-ସମ୍ଭାର ମଧ୍ୟରୁ ଅଳ୍ପ କେତୋଟି। ପ୍ରବାଦପ୍ରତିମ ଏଇ ବଙ୍ଗ-ଭାରତୀୟ କବି ୮୮ ବର୍ଷରେ ପଦାର୍ପଣ କରି ବି କଲକାତା ଉଲଟା ଡାଂଗାର ଈଶ୍ୱର ଚନ୍ଦ୍ର ଆବାସନରେ ଏକାଂତ ସାଧନାରତ। ତାଙ୍କ ବାସଭବନରୁ ୪ ମାର୍ଚ୍ଚ ୨୦୧୯ ଶିବରାତ୍ରି ସନ୍ଧ୍ୟାରେ 'ସାହିତ୍ୟାୟନ' ପକ୍ଷରୁ ଏହି ସାକ୍ଷାତ୍କାରଟି ଗୃହୀତ।**

✦ ଆପଣ ବଂଗ-ଭାରତୀୟ କବିତା ଓ ସାରସ୍ୱତ-ସମାଲୋଚନାର ଜଣେ କିମ୍ବଦନ୍ତୀ ପୁରୁଷ। ଆପଣଙ୍କ କବିତା ଭିତରେ ଏପରି ଗୋଟେ ଗୋଟେ ଉଲ୍ଲେଖ ଅଛି, ଯାହା ଆପଣଙ୍କ ବକ୍ତବ୍ୟର ଚାବିକାଠି ସଦୃଶ। 'ଆଜ୍ ଆର୍ କେଉ ନେଇ, ମାଝେମାଝେ କାର୍ କାଛେ ଯାବୋ', 'ତୋମାର୍ ଆଙ୍ଗୁଲେ ଆମି ଈଶ୍ୱର ଦେଖେଛେ କାଲ୍ ରାତେ', 'ଏଇ ମୁହୂର୍ତ୍ତେର୍ ମୁଖ୍ ଆରେକ୍ ମୁହୂର୍ତ୍ତେ ସତ୍ୟ ନୟ', 'କେନନା ଦେଶେର୍ ମୂର୍ତ୍ତି ଦେଶେର୍ ଭିତରେ ନେଇ ଆର୍'– ଏହିପରି ଅନେକ। ଏସବୁ ଆପଣଂଙ୍କ ଜୀବନ-ଜଡ଼ିତ ଅନୁଭୂତିରୁ ଉଦ୍ଧୃତ ନା କବିତାରେ ଯଦୃଚ୍ଛା ଉପଗତ?

▶▶ ଏ ସବୁ ଧାଡ଼ି ମୋର କେଉଁ କେଉଁ କବିତାର ହଠାତ୍ ମନେପଡୁନି। କିନ୍ତୁ 'ଆଜ୍ ଆର୍ କେଉ ନେଇ, ମାଝେମାଝେ କାର୍ କାଛେ ଯାବୋ'– ଏଇଟି ମନେହୁଏ, ମୋର ଦ୍ୱିତୀୟ କବିତା ସଂକଳନ 'ନିହିତ ପାତାଲ୍ ଛାୟା'ରେ ଥିବା 'ମଧ୍ୟରାତ୍' କବିତାର ଅଂଶ ବିଶେଷ। ଏପରି ଧାଡ଼ିମାନଙ୍କ ପଛରେ ସବୁବେଳେ ଯେ, ଏକ ବ୍ୟକ୍ତିଗତ ଦୁଃଖ ବା ଦୁର୍ଦ୍ଦଶା ହେତୁ ଭାବେ ରହିବ, ସେପରି କିଛି କଥା ନାହିଁ। ତାହା ରହିପାରେ, ନ ରହି ବି ପାରେ।

## ସୃଜନ-ଆଳାପ

✦ 'ଜାବାଲ ସତ୍ୟକାମ' ଆପଣଙ୍କର ଏକ ପ୍ରସିଦ୍ଧ କବିତା, ଯେମିତି ଆପଣଙ୍କର ଅନ୍ୟ ଏକ କବିତା 'ଆରୁଣୀ ଉଦ୍ଦାଲକ'। ଏ କବିତାର କ'ଣ କିଛି ପଟ୍ଟଭୂମି ନାହିଁ?

▶▶ ହଁ, ଅଛି। 'କବିତାର ମୁହୂର୍ତ୍ତ' ବହିରେ ମୁଁ ଏ ସମ୍ପର୍କରେ ଲେଖିଛି। ଆଉ ଏକ କଥା– କେତେକ କବିତାର ପୃଷ୍ଠଭୂମି ଥାଏ, କିନ୍ତୁ ତାହା କୁହାଯାଇ ପାରେନା।



✦ ଆପଣଙ୍କର 'ସେତୁ' କବିତାରେ ଧାଡ଼ିଟିଏ ଏହିପରି– 'ତୋମାର୍ ଆମାର୍ ମଧ୍ୟେ ସେତୁ କେବଲ ଏକ ବାଜାର୍'। ଏହା ପଛରେ ତତ୍କାଳର ସମାଜ କ'ଣ ବିଦ୍ୟମାନ ନୁହେଁ?

▶▶ ଏହା ନବେ ଦଶକରେ ଲିଖିତ...

✦ ବିଶ୍ୱାୟନ ଓ ମୁକ୍ତ ଅର୍ଥନୀତି(ବଜାରୀକରଣ) ତ ଏଇ ନବେ ଦଶକର ବ୍ୟାପାର। ବ୍ୟକ୍ତିର ଏକାନ୍ତ ଆବେଗିକ ସମ୍ବନ୍ଧ ବଜାର-ଆକ୍ରାନ୍ତ ନୁହେଁ କି?

▶▶ ହଁ।

✦ ଭଲ କବିତାର ସଂଜ୍ଞା ଆପଣଙ୍କ ଦୃଷ୍ଟିରେ କ'ଣ?

▶▶ ଭଲ କବିତାର କୌଣସି objective definition ହୋଇପାରେନା। ଅତି ବେଶିରେ କୁହାଯାଇପାରେ ଯେ 'କବିତାଟି ମୋତେ ଭଲ ଲାଗିଛି'। ୧୯୭୪ରେ ମୁଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରଫେସର ଥିବାବେଳେ ଜଣେ ସଦ୍ୟ ଏମ୍ଏ ପାସ୍ କରି ଗବେଷଣାରେ ହାତ ଦେଇଥିବା ଛାତ୍ର(ସାହିତ୍ୟର ନୁହେଁ) ଏଇ ପ୍ରଶ୍ନଟି ମୋତେ ପଚାରିଥିଲେ। ମୁଁ ଯେଉଁ ଉତ୍ତର ଦେଇଥିଲି ସେଥିରେ ସେ ସନ୍ତୁଷ୍ଟ ନ ହୋଇ ପ୍ରଶ୍ନକୁ ମୁଁ ଆଡ଼େଇ ଯାଉଛି ବୋଲି ଅଭିଯୋଗ କରିଥିଲେ। କିନ୍ତୁ 'ଭଲ କବିତା'ର ପ୍ରକୃତରେ କୌଣସି ସଂଜ୍ଞା ନାହିଁ– ସବୁକାଳେ ଏହା ହିଁ ମୋର ମତ।

✦ ନୂଆ ପ୍ରଜନ୍ମର କବିମାନେ ଲେଖୁଥିବା କବିତାକୁ ନେଇ ଆପଣ ସନ୍ତୁଷ୍ଟ କି?

▶▶ ୧୯୭୯-୮୦ ପିଢ଼ିର କବିମାନଙ୍କ ଭିତରେ କିଛି ଭଲ କବି ଅଛନ୍ତି (ଯେପରି ଜୟ ଗୋସ୍ୱାମୀ)। ନବେ ଦଶକରେ କବିତାକୁ ଆସିଥିବା କବିମାନଙ୍କ ଭିତରେ ଶ୍ରୀଜାତ ପରି କବି ବଙ୍ଗଳାରେ ଅଛନ୍ତି। ସମସ୍ତେ କିନ୍ତୁ ନୁହନ୍ତି।

✦ ବିଶ୍ୱାୟନ ଓ ସଂସ୍କୃତିର ବଜାରୀକରଣ ଦ୍ୱାରା କବିର ସାଧନ-ପରିସର ଉପଦ୍ରୁତ ବୋଲି କ'ଣ ଆପଣ ମନେକରନ୍ତି?

▶▶ ହଁ, କବିର ଯେଉଁ ଏକ 'ଗୋପନ ଥାକା' ଅବସ୍ଥାନ ରହିବା ଦରକାର, ସେଟା ଆଜି ନାନା କାରଣରୁ ଧ୍ୱଂସ ପାଇଯାଇଛି। ତଥାପି ଏକୁ ଅବଜ୍ଞା କରି କିଛି କିଛି କବି seriously ଲେଖିବାକୁ ଚେଷ୍ଟା କରୁଛନ୍ତି।

✦ ଆପଣଙ୍କ ପିଢ଼ି ପରେ 'ସାହିତ୍ୟ-ସମାଲୋଚନା' ଖୁବ୍ ଉପରଠାଉରିଆ ହୋଇପଡ଼ିଥିବା ମନେହୁଏ। ଅମନମନ କି କବିତା ଲେଖା ତ ଚାଲିଛି, କିନ୍ତୁ 'ସାହିତ୍ୟ ସମାଲୋଚନା' କାହିଁ?

▶▶ କେତେକ ମନେକରନ୍ତିଯେ କବିତାର ବୌଦ୍ଧିକ ବିଶ୍ଳେଷଣ (Intellectual analysis) କବିତାକୁ ନଷ୍ଟ କରେ। ତା'ଛଡ଼ା 'ବଜାର' ଗୋଟେ କଥା ଶିଖାଇଛି ସବୁ କେମିତି 'ଚଟ୍ ଜଲ୍‌ଦି' ହେଇଯିବ। ଏଇ 'ବଜାର' ହିଁ ତିଆରି କରିଛି ଏକ ଅବାଞ୍ଛିତ ପ୍ରତିଯୋଗିତାର ବାତାବରଣ। କିଏ କାହାକୁ ଠେଲି ଦେଇ କେତେ ଶୀଘ୍ର ଆଗକୁ ଯାଇ ପାରିବ– ଏହା ଆଜି ସବୁଠୁ ବଡ଼ କଥା ହୋଇଛି। ଏଭଳି ଏକ ପରିବେଶ କବିର 'ନିଭୃତି'କୁ ନଷ୍ଟ କରେ। ଲେଖକର 'ନିଭୃତି' ଯଦି ବ୍ୟାହତ, ତେବେ କିପରି ଆଶା କରିବା ବଡ଼ ମାପର ସର୍ଜନା ?

ଏଥିରେ ବ୍ୟତିକ୍ରମ ମଧ୍ୟ ରହିଛି। ସକଳ ପ୍ରତିକୂଳତାକୁ ଅବଜ୍ଞାକରି କେହିକେହି ସମର୍ପିତ ହୋଇ ଲେଖୁଛନ୍ତି। ଏଠାକାର ଜଣେ କବି ତଥା ସମାଲୋଚକଙ୍କୁ ମୁଁ ଜାଣେ– ତାଙ୍କ ନାଆଁ ଏକରାମ୍ ଆଲ୍ଲୀ। ସତୁରି ଦଶକର କବି ସେ। ତାଙ୍କର 'ଶ୍ରେଷ୍ଠ କବିତା' ବହି ବାହାରିଛି। ତାଙ୍କ ସମାଲୋଚନା ପଢ଼ିଲେ ମନେହୁଏ, କବିତା ବିବେଚନା କ୍ଷେତ୍ରରେ ତାଙ୍କର ନିଜସ୍ୱ ଏକ ପଦ୍ଧତି ଅଛି।

✦ ସୃଜନଶୀଳତା ଓ ସମୀକ୍ଷାର ଏବେ ଯେଉଁ ଓଲଟ ସ୍ଥିତି ବା ଶୂନ୍ୟତା, ଏଥିରେ କ'ଣ ପରିବର୍ତ୍ତନ ନାହିଁ?

▶▶ ଆଶା କରେ ପରିବର୍ତ୍ତନ ହେବ।

✦ ଆପଣ ଆତ୍ମଜୀବନୀ ଲେଖୁଛନ୍ତି?

▶▶ ନା। 'ଆତ୍ମଜୀବନୀ' ଭଳି ଖଣ୍ଡିଏ ବହି ମୋର ଅଛି। ତାହା ହେଲା– 'ପୁରୋନୋ ଚିଠିର ଝାଁପି'। ପୁରୁଣା ଚିଠିକୁ ଆଶ୍ରୟ କରି କିଛି କଥା ଲେଖିଛି, ଯାହା ହୁଏତ ମୋ' ଜୀବନାନୁଭୂତି। 'ଏକୁଶ ଶତକ' ଏହାକୁ ଛାପିଛି।

✦ ଶେଷ ପ୍ରଶ୍ନ–ଆପଣଙ୍କର ସଦ୍ୟତମ ବହି କ'ଣ?

▶▶ କବିତା ବହି– 'ଏଓ ଏକ ବ୍ୟାଧିର ଉପଶମ' ('ସିଗନେଟ୍'– ୨୦୧୮) ଏବଂ ଗଦ୍ୟଗ୍ରନ୍ଥ 'ମୁଖେର୍ କଥା ସଭାୟ' (ପ୍ରକାଶକ– 'ପାଠକ')।

– ପ୍ରଶ୍ନ ଓ ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

ତିନିଜଣବିଦେଶୀଏବଂଜଣେଭାରତୀୟସେଦିନରାଜଧାନୀଏକ୍ସପ୍ରେସ୍‌ର ଏକ ଏ.ସି. ଫାଷ୍ଟକ୍ଲାସ୍ କମ୍ପାର୍ଟମେଣ୍ଟରେ ଏକତ୍ର ଯାତ୍ରା କରୁଥିଲେ।

ପ୍ରଥମେ କମ୍ପାର୍ଟମେଣ୍ଟକୁ ଆସିଥିଲେ ଭାରତୀୟ ଯାତ୍ରୀ ଜଣକ। ଶ୍ୟାମଳ, ଶ୍ମଶ୍ରୁଳ, ମଧ୍ୟବୟସ୍କ ଏବଂ ମଧ୍ୟମ ସ୍ୱାସ୍ଥ୍ୟର ଅବୟବଧାରୀ ଏହି ଯାତ୍ରୀ ଜଣକ ନିଜ ବର୍ଥ ଉପରେ ମାଲିକାନା ସାବ୍ୟସ୍ତ କରିବା ପାଇଁ ଏକରକମ ଗଳଦ୍‌ଘର୍ମ ହୋଇ ପଡ଼ିଥିଲେ। ସୁଟ୍‌କେସ୍, ବ୍ୟାଗ୍, ଝୁଲାମୁଣି ପ୍ରଭୃତି ମିଶାଇ ପାଞ୍ଚୋଟି ଲଗେଜ୍ ଧରି ତାଙ୍କର କୁଲି ପହଞ୍ଚିଲା ଏବଂ ବର୍ଥ ତଳେ ସବୁ ଜିନିଷ ସାନ୍ଧିଦେଲା। କୁଲି ସହ ମୂଲଚାଲ କରି ତା'ର ପ୍ରାପ୍ୟ ଦେଲାପରେ ସେ ଏକ ସ୍ୱସ୍ତିର ସ୍ମିତହାସ୍ୟ ଛାଡ଼ିଲେ ଏବଂ ପଙ୍ଖାକୁ ଜୋର୍‌ରେ ଘୁରାଇ ଲୋୟର ବର୍ଥଟିରେ ଗୋଡ଼ ଲମ୍ବାଇ ଶୋଇଗଲେ।

କମ୍ପାର୍ଟମେଣ୍ଟର ଦ୍ୱିତୀୟ ଯାତ୍ରୀ ହେଲେ ଜଣେ ଚୀନୀୟ ଭଦ୍ରବ୍ୟକ୍ତି। ଶୀର୍ଣ୍ଣକାୟ, ତରୁଣ ଏବଂ ମିଞ୍ଜିମିଞ୍ଜି ଚକ୍ଷୁଧାରୀ ଯାତ୍ରୀ ଜଣକ ଟୁରିଷ୍ଟ ଭଳି ମନେ ହେଉଥିଲେ। ଲଗେଜ୍ କମ୍ ଥିଲା। ବେଲ୍‌ଟ ଭିତରେ ତାଙ୍କର ମୋବାଇଲ ଫୋନ୍ ସହ କିଛି ଦରକାରୀ ଚିଜ ସେ ବାନ୍ଧି ରଖିଥିଲେ। ଅତି ସଲଜ୍ଜ ଭାବେ କମ୍ପାର୍ଟମେଣ୍ଟରେ ପ୍ରବେଶ କରି ଭାରତୀୟ ସହଯାତ୍ରୀଙ୍କୁ ମଥା ଝୁଙ୍କାଇ ଅଭିବାଦନ କଲେ ଏବଂ ଆସନ ଗ୍ରହଣ କଲେ।

ପରବର୍ତ୍ତୀ ଯାତ୍ରୀ ଜଣେ ଆଫ୍ରିକୀୟ। କୃଷ୍ଣକାୟ, ଦୀର୍ଘ ଅବୟବ, ମୁଣ୍ଡରେ କୁଞ୍ଚୁକୁଞ୍ଚିଆ କେଶ। ବୟସ ପ୍ରାୟ ଚାଳିଶ ହେବ। ହସହସ ଚେହେରା। ସେ ଲଗେଜ୍ ଠେଲିଠେଲି ମୋବାଇଲରେ କଥାବାର୍ତ୍ତା କରୁଥିଲାବେଳେ ଏଭଳି ହସୁଥିଲେ ଯେ ମନେ ହେଉଥିଲା ସେ କେବଳ ମୁହଁରେ ହସୁ ନ ଥିଲେ, ହାଡ଼େହାଡ଼େ ହସୁଥିଲେ। ଦିଲ୍ଲୀକୁ କୌଣସି ଆନ୍ତର୍ଜାତିକ ସେମିନାରରେ ଯୋଗ ଦେବା ପାଇଁ ସେ ଆସିଥିଲେ।

ସବାଶେଷରେ ଯେଉଁ ଯାତ୍ରୀ ପଦାର୍ପଣ କଲେ, ସେ ଜଣେ ଆମେରିକୀୟ। ଗାଡ଼ି ଛାଡ଼ିବାର ମାତ୍ର ପାଞ୍ଚ ମିନିଟ୍ ପୂର୍ବରୁ ସେ ପ୍ରବେଶ କଲେ। ହୃଷ୍ଟପୁଷ୍ଟ ହଲ୍‌ଷ୍ଟିନ ବୃଷଭ ପରି ଦିଶୁଥିବା ଏହି ଯାତ୍ରୀଙ୍କ ପିଠିରେ ତାଙ୍କର ପୃଥୁଳକାୟ ଲଗେଜ୍ ବନ୍ଧା ଥିଲା। ମୁଣ୍ଡରେ ପର୍ଯ୍ୟାପ୍ତ କେଶରାଶି ନ ଥିଲା। ଯତ୍‌ସାମାନ୍ୟ ଥିଲା, ଫ୍ୟାନ୍ ପବନରେ ଫୁରୁଫୁରୁ ଉଡୁଥିଲା। ସେ ରିଜର୍ଭେସନ ଚାର୍ଟରେ ଦେଖିଥିଲେ ଯେ ତାଙ୍କୁ ଏକ ଅପର ବର୍ଥ ଆଲଟ୍ କରାଯାଇଥିଲା। କିନ୍ତୁ ସ୍ୱଭାବସୁଲଭ ପ୍ରଗଲ୍‌ଭତାବଶତଃ 'ହ୍ୟାଲୋ ଏଭ୍ରିବଡି' ଅଭିବାଦନ କଲାପରେ ସେ ଘୋଷଣା କରିଦେଲେ– ମୁଁ ଲୋୟର ବର୍ଥ ନେବି।

ଚୀନୀୟ ଭଦ୍ରବ୍ୟକ୍ତିଙ୍କର ଥିଲା ଲୋୟର ବର୍ଥ। ସେ ଧଡ଼ପଡ଼ ହୋଇ ଉଠି ନିଜ ବ୍ୟାଗ୍‌ଟିକୁ ଉପର ବର୍ଥକୁ ସ୍ଥାନାନ୍ତର କରିଦେଲେ। ସେ ବୋଧେ ଉପର ବର୍ଥକୁ ଯିବାକୁ ବୁଦ୍ଧିମାନର କାର୍ଯ୍ୟ ବୋଲି ମଣିଲେ। ଏହି ବିଶାଳ ବପୁଧାରୀ ଯାତ୍ରୀଙ୍କ ବର୍ଥ ତଳେ ଶୋଇଲେ କିଛି ଅଘଟଣ ଘଟିପାରେ ବୋଲି ସେ ବୋଧେ ଆଶଙ୍କା କଲେ। ମିତଭାଷୀ ମିଞ୍ଜିମିଞ୍ଜି ଆଖିର ଏ ଯାତ୍ରୀଙ୍କ ମନ ଭିତରେ କ'ଣ ଥିଲା କହିବା ମୁସ୍କିଲ। ସେ ସୁନାପିଲା ପରି ଉପରକୁ ଚାଲିଗଲେ।

ଏହା ଭିତରେ ଏ.ସି. ଆଟେଣ୍ଡାଣ୍ଟ ଗୋଲାପ ଫୁଲର ସ୍ତବକ କମ୍ପାର୍ଟମେଣ୍ଟର କାନ୍ଥରେ ଥିବା ଖୋପରେ ସଜାଇ ଦେଇଥାଏ। ତକିଆ ଏବଂ ତଉଲିଆ ଦେଇ ଚାଲି ଯାଇଥାଏ। ପ୍ୟାଣ୍ଟ୍ରିକାର ବିୟରର୍ ୱେଲକମ୍ ଡ୍ରିଙ୍କ୍ସ ଓ ଚକୋଲେଟ୍ ପ୍ରଭୃତି ପରଷି ଚାଲି ଯାଇଥାଏ।

ପ୍ରଗଲ୍‌ଭ ଆମେରିକୀୟ ଯାତ୍ରୀଙ୍କ ଆନୁକୂଲ୍ୟରେ ପରିଚୟର ପର୍ବଟା

ସ୍ମରଣୀୟ



କୃପାସାଗର ସାହୁଙ୍କ ଜନ୍ମ ୧୯୫୨ରେ, ଢେଙ୍କାନାଳ ଜିଲା କାମାକ୍ଷାନଗରର ମଠକରଗୋଳା ଗାଁରେ। କବିତାରୁ ଆରମ୍ଭ ହୁଏ ଲେଖକ-ଜୀବନ, ହେଲେ କଥା ସାହିତ୍ୟରେ ମିଳେ ତାଙ୍କୁ ସିଦ୍ଧି। ପ୍ରକାଶିତ ପୁସ୍ତକ- କବିତା: 'ଉପରେ ଫର୍ଚ୍ଚା ଆକାଶ, ତଳେ ବସୁମାତା', ଗଳ୍ପ: 'କାହାଣୀ-୧୯୯୮', 'କାହାଣୀ-୨୦୦୫', 'ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ', 'ରେଳ ଗଳ୍ପ', 'ଗଡ଼ଜାତ ଗଳ୍ପ', 'ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ' ଏବଂ 'ପକ୍ଷୀ ଜନ୍ମରୁ ପାରିକର'; ଉପନ୍ୟାସ: 'ଶେଷ ଶରତ', 'ଶ୍ରାବଣର ସକାଳ', 'ଝରାପତ୍ରର ଝଡ଼' ଓ 'ଷ୍ଟେସନର ନାଁ ଲିଲିଗୁମ୍ମା'। 'ଶେଷ ଶରତ' ଉପନ୍ୟାସ ପାଇଁ ୨୦୦୯ରେ 'ଓଡ଼ିଶା ସାହିତ୍ୟଏକାଡେମୀ ପୁରସ୍କାର' ଓ ଓଡ଼ିଆ କଥା ସାହିତ୍ୟକୁ ବିଶେଷ ଅବଦାନ ନିମିତ୍ତ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର-୨୦୧୮'ରେ ସମ୍ମାନିତ। ଏଥରର 'ସ୍ମରଣୀୟ'ରେ ତାଙ୍କ ଲିଖିତ ଏକ ବହୁପଠିତ ରେଳ ଗଳ୍ପ 'ନିଦ ଔଷଧ' ସ୍ଥାନିତ, ଯାହାର ପରିଣତି ଯେତିକି ଅପ୍ରତ୍ୟାଶିତ, ସେତିକି ଚମକପ୍ରଦ...

କୃପାସାଗର ସାହୁ

# ନିଦ ଔଷଧ

ସରି ଯାଇଥାଏ। ସେ ଆମେରିକାର କୌଣସି ଆଇ.ଟି. କମ୍ପାନୀରେ ଜେନେରାଲ ମ୍ୟାନେଜର ଥିଲେ ଏବଂ ବ୍ୟବସାୟ ଉପଲକ୍ଷେ ଭାରତ ଆସିଥିଲେ। ଚୀନୀୟ ଭଦ୍ରବ୍ୟକ୍ତି ପ୍ରକୃତରେ ଜଣେ ଟୁରିଷ୍ଟ ଥିଲେ। ଭାରତରେ ବିଭିନ୍ନ ବୌଦ୍ଧ ବିହାର ଉପରେ ସେ ଗବେଷଣା କରୁଥିଲେ। ଆଫ୍ରିକୀୟ ଭଦ୍ରବ୍ୟକ୍ତି ଜଣେ ଡାକ୍ତର। ଏଡ୍‌ସ ଉପରେ ଏକ ଆନ୍ତର୍ଜାତିକ ସେମିନାରରେ ଯୋଗଦେବା ପାଇଁ ଆସିଥିଲେ। ଭାରତୀୟ ଯାତ୍ରୀ ଜଣେ ପ୍ରଫେସର। ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୌଣସି ସଭାରେ ବକ୍ତୃତା ଦେବା ପରେ ସେ ବକ୍ତୃତା ଦେବାପାଇଁ ବିଶ୍ୱଭାରତୀ ଛୁଟିଥିଲେ।



ଗାଡ଼ି ଛାଡ଼ି ସାରିଥିଲା। ଅଧଘଣ୍ଟାଏ ପରେ ବିୟରର୍ ସେଣ୍ଟର ଟେବୁଲ ସଜାଇ ରଖିଲା ପରେ ଗୋଟିଏ ଗୋଟିଏ ଟ୍ରେ'ରେ ସ୍ନାକ୍ସ ଓ ଚା'ର ସରଞ୍ଜାମ ସଜାଇ ଆଣି ପହଞ୍ଚିଲା। ସ୍ନାକ୍ସ ଭିତରେ ଗରମ ସିଙ୍ଗଡ଼ାଠାରୁ ଆରମ୍ଭ କରି କାଜୁବାଦାମ, ଚେନାଚୁର୍ ଏବଂ ମିଠା ପ୍ରଭୃତି ସଜଡ଼ା ହୋଇଥିଲା। ଏସବୁ ଦେଖି ଆମେରିକୀୟ ଯାତ୍ରୀ ଭାରତୀୟ ଯାତ୍ରୀଙ୍କୁ ଲକ୍ଷ୍ୟ କରି କହିଲେ– ଏଠି ସବୁଆଡ଼େ ବହୁତ ଖାନାପିନା ଦେଇ ଅଭ୍ୟର୍ଥନା କରୁଛନ୍ତି। ଆପଣଙ୍କ ଦେଶର ଲୋକେ ଖୁବ୍ 'ହସ୍‌ପିଟେବଲ'।

ଭାରତୀୟ ଭଦ୍ରବ୍ୟକ୍ତି ସ୍ମିତ ହସି ତାଙ୍କ କଥାକୁ ସମର୍ଥନ କଲେ ଏବଂ ମନେମନେ ଭାବିଲେ– ଏହା ନିରାଟ ସତ୍ୟକଥା। ସେ ଥରେ ଆମେରିକାର କୌଣସି ସଭାକୁ ଯାଇଥିଲେ। ପୂରାଦିନ ବିତିଗଲେ ବି ଆୟୋଜକମାନେ ଚା' କପେ ବି ଦେଲେ ନାହିଁ, ବରଂ ଘୋଷଣା କଲେ ଯେ ପାଖ ରୁମ୍‌ରେ ଚା' କଫି ମେସିନ୍ ଅଛି, ଯାହାର ଇଚ୍ଛା ହେବ ପଇସା ଗଳାଇ ଚା' କଫି ପିଇପାରିବେ। ଭାରତ ହୋଇଥିଲେ ସଭାର ମୂଳରୁ ଶେଷଯାଏ ଚା' ଜଳଖିଆ କପ୍ ପ୍ଲେଟ୍‌ର ଠୁନ୍‌ଠୁନ୍ ଆୱାଜ ଆସୁଥାନ୍ତା।

ଚା' ପାନ ପରେପରେ ବିୟରର୍ ଡିନର ଅର୍ଡ଼ର ନେଇଗଲା। ତିନି ବିଦେଶୀ କଣ୍ଟିନେଣ୍ଟାଲ ଖାନାର ଅର୍ଡ଼ର ଦେଲେ। ଭାରତୀୟ ଭଦ୍ରବ୍ୟକ୍ତି ଅର୍ଡ଼ର ଦେଲେ ନିରାମିଷ ଭାରତୀୟ ଖାଦ୍ୟ– ରୁଟି ଓ ତରକାରି।

ରାତି ଆଠଟାରେ ସୁପ୍ ପରିବେଷଣ ହେଲା। ଉପରେ ତିନି ବିଦେଶୀଙ୍କର କଣ୍ଟିନେଣ୍ଟାଲ ଡିନର ଆସିଲା। ଭାରତୀୟଙ୍କ ପାଇଁ ଆସିଲା ବରାଦ ମୁତାବକ ଦୁଇଖଣ୍ଡ ଶୁଖିଲା ରୁଟି, ଡାଲି ଏବଂ ତରକାରି।

ଖାଦ୍ୟପଦାର୍ଥ ପାଟିକୁ ନେବା ପୂର୍ବରୁ ଆମେରିକୀୟ ଭଦ୍ରବ୍ୟକ୍ତି ହ୍ୱିସ୍କି ବୋତଲ ଖୋଲି ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଟେଣ୍ଡାଣ୍ଟ କେତୋଟି ଗ୍ଲାସ୍ ଧରି ପହଞ୍ଚିଗଲା। ହ୍ୱିସ୍କି ଢାଳି ସେ ଯାତ୍ରୀମାନଙ୍କୁ ଯାଚିଲେ। ଲଜ୍ଜାଶୀଳ ଚୀନୀୟ ଦୋ-ଦୋ ପାଞ୍ଚ ହୋଇ ଗ୍ରହଣ କଲେ। ଆଫ୍ରିକୀୟ ଯାତ୍ରୀ ଅତି ଆନନ୍ଦରେ ଗ୍ଲାସ୍ ଧରିଲେ। ଭାରତୀୟ ଭଦ୍ରବ୍ୟକ୍ତି କହିଲେ– ନୋ, ଥାଙ୍କ୍ସ୍, ମୁଁ ଟି ଟୋଟାଲର।

ତାଙ୍କର ଖାଦ୍ୟର ପରିମାଣ ଓ ସାରଲ୍ୟକୁ ଦେଖି ଆମେରିକୀୟ ମନ୍ତବ୍ୟ ଦେଲେ– ଆରେ, ଆପଣ ତ ରିୟଲି ଗ୍ରେଟ୍। ସିମ୍ପଲ୍ ଲିଭିଂ ହାଇ ଥିଂକିଂ। ଆପଣ ତ ପ୍ରକୃତରେ ଜଣେ ସାଧୁ, ସନ୍ଥ। ମୁଁ ଆପଣଙ୍କୁ ସ୍ୱାମିଜୀ ଭାବେ ଡାକିଲେ କିଛି ମନେ କରିବେନି ତ?

– ଭାରତୀୟ ଯାତ୍ରୀ ହସିଲେ।

ଆମେରିକୀୟ ଯାତ୍ରୀଙ୍କ ଖାଦ୍ୟପଦାର୍ଥ ଜଲ୍‌ଦି ସରିଗଲା। ତେଣୁ ପୁଣି କଲିଂ ବେଲ୍ ଟିପିଲେ। ତାଙ୍କ ପାଇଁ ପୁଣି ଚିକେନ୍, ସାଲାଡ୍ ଆସିଲା। ମହିଷାକୃତିର ବିରାଟ ଚେହେରା। ବଡ଼ବଡ଼ ନିତମ୍ବ ଓ ପୃଥୁଳ ଜଙ୍ଘ। ସେଥିରେ ସେ ବର୍ମୁଡ଼ା ହାଫ୍ ପ୍ୟାଣ୍ଟ୍ ପିନ୍ଧି କିମ୍ଭୂତକିମାକାର ଦିଶୁଥିଲେ।

ଆଫ୍ରିକୀୟ ଯାତ୍ରୀଙ୍କର ଖାଇବା ଜଲ୍‌ଦି ସରିଗଲା। ତା'ପରେ ସେ ତାଙ୍କର ସୁଟ୍‌କେଶରୁ 'ସିଗାର୍'ଟିଏ ବାହାର କରି ସେଥିରେ ଅଗ୍ନି ସଂଯୋଗ କଲେ। କେହି ନ ପଚାରୁଣୁ ମନ୍ତବ୍ୟ ଦେଲେ– ଶୋଇବା ପୂର୍ବରୁ ଏଥିରୁ ଗୋଟିଏ ନ ଧରାଇଲେ ନିଦ ହେବନି।

ରେଳବାଇରେ ଧୂମପାନ ମନା। ମଦ୍ୟ ସେବନ ମନା। କିନ୍ତୁ ରେଳ କର୍ମଚାରୀମାନେ କେହି ବାରଣ କରୁ ନ ଥାନ୍ତି, ବରଂ ସେମାନଙ୍କୁ ସହଯୋଗ କରୁଥାଆନ୍ତି। ଅତିଥିବତ୍ସଳ ଦେଶ ତ!

ଭାରତୀୟ ଯାତ୍ରୀ ମନେମନେ ଏହା ହିଁ ଭାବୁଥିଲେ। ତେଣୁ ଏପଟୁ ଧୂଆଁ ଏବଂ ସେପଟୁ ମଦର ଗନ୍ଧ ଆସୁଥିଲେ ବି ଭାରତୀୟ ଜଣକ ସହ୍ୟ କରି ନେଉଥାଆନ୍ତି।

ରାତି ଦଶଟା ପାଖାପାଖି ହେଲା। ଆମେରିକୀୟଙ୍କର ଖାଦ୍ୟପାନୀୟ ପର୍ବର ଅନ୍ତ ହେଉ ନ ଥାଏ। ଆଫ୍ରିକୀୟ ଯାତ୍ରୀଙ୍କର ସିଗାର୍‌ଟା ଆଖୁ ପରି ବଡ଼ ହୋଇଥିବାରୁ ସରିବାର ନାଁ ଧରୁ ନ ଥିଲା। ଧୂଆଁ ସହି ନ ପାରି ବା ଅନ୍ୟ କୌଣସି କାରଣରୁ ଚୀନୀୟ ଯାତ୍ରୀ ତାଙ୍କର ଛୋଟ ବ୍ୟାଗ୍‌ଟିକୁ ଧରି ଖୁଁ ଖୁଁ କାଶି ବାଥ୍‌ରୁମ୍‌କୁ ଗଲେ।

ଆମେରିକୀୟ ଯାତ୍ରୀଙ୍କ ଖାଇବା ପ୍ଲେଟ୍, କଣ୍ଟା ଚାମଚ୍ ହଟିଗଲା ପରେ ବି ପିଇବା ସରି ନ ଥିଲା। ସେ ନିଜଆଡୁ ସଫେଇ ଦେଉଥିଲେ– ନିଦ ଆସିବା ପାଇଁ ଆଉ ଦୁଇ ପେଗ୍।

କିଛି ସମୟ ପରେ ଚୀନୀୟ ଯାତ୍ରୀ ଫେରି ଆସି ଉପର ବର୍ଥକୁ ଗଲେ। ଏକ ମରଣଆସନ୍ନ ଝିଟିପିଟି ପରି ସେ ଗୋଡ଼ ହାତ ଛାଟିଲେ, ପିଟିଲେ। ସେଣ୍ଟର ଟେବୁଲ ଉଠାଇବାକୁ ଆସିଥିବା ବିୟରର୍ ଭୟ ପାଇ କହିଲା– ସାର୍, ଟ୍ରେନ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଡାକିବି କି?

ଆଫ୍ରିକୀୟ ଯାତ୍ରୀ କହିଲେ– ନା ନା, ବ୍ୟସ୍ତ ହୁଅନା। ଏଇଟା ତାଙ୍କର ନିଦ୍ରା ଯିବାର ପ୍ରସ୍ତୁତି ପର୍ବ। ସେ ଡ୍ରଗ୍‌ସ ନେଇ ଆସିଛନ୍ତି। ଭାରତୀୟ ଯାତ୍ରୀ ବିଛଣାରେ ପଡ଼ି ଏକଡ଼ ସେକଡ଼ ହେଉଥିଲେ। ଭାବୁଥିଲେ– ଧନ୍ୟ ଏହି ସର୍ବଂସହା ଟ୍ରେନ୍। ଗଞ୍ଜୋଡ଼, ନିଶାଖୋର, ଜୁଆଚୋର, ଚାଲ୍‌ବାଜ, ଧପାବାଜ, ଦୁଃଖୀରଙ୍କି, ରୋଗୀ, ରାଗୀ, ବୈରାଗୀ– ସମସ୍ତଙ୍କୁ ଆବହମାନ କାଳରୁ ସେ ବୋହି ଧରି ଚାଲିଛି। କାହା ପ୍ରତି ଅସୂୟା ନାହିଁ। କାହା ପାଇଁ ଭେଦଭାବ ନାହିଁ, ଦ୍ୱେଷ ନାହିଁ। କାହା ପ୍ରତି ଭ୍ରୂକୁଞ୍ଚନ ଅବା ନାସିକା କୁଞ୍ଚନ ନାହିଁ। ଆମେରିକୀୟ ଯାତ୍ରୀ ଏଥର ଭାରତୀୟଙ୍କୁ ତୋଷାମଦ କରିବାକୁ କହିଲେ– ସ୍ୱାମିଜୀ! ଆପଣଙ୍କର କ'ଣ କିଛି ନିଦ ଔଷଧ ଦରକାର ହୁଏନି?

ସ୍ୱାମିଜୀ ହସିଲେ ଏକ ରହସ୍ୟମୟ ହସ। ସେ ଉଠି ବସିଲେ। ବର୍ଥ ତଳୁ ତାଙ୍କର ସୁଟ୍‌କେଶ ଖୋଲିଲେ। ସୁଟ୍‌କେଶ ଭିତରୁ ବାହାର କଲେ ଏକ ଛୋଟ ପେଡ଼ି।

ପ୍ରଥମେ ପେଡ଼ି ଉପରେ ଗୋଟିଏ ସରୁ ଚାପଡ଼ ଦେଲେ। ପେଡ଼ିର ମୁହଁ ଖୋଲି କହିଲେ– ଉଠ୍ ବେଟା, ଆ, ଚୁମାଟେ ଦେ। ନିଦ ଆସୁନି।

ତାଙ୍କ ପୋଷା ଜୀବଟି ଗହନ ନିଦରେ ଶୋଇ ଯାଇଥିଲା। ସେ ତା'ର ଲାଞ୍ଜରେ ଚାପୁଡ଼ାଟିଏ ଦେଲେ। ସେ ଫଁ କରି ଶବ୍ଦ କରି ମୁଣ୍ଡ ହଲାଇଲା। ସ୍ୱାମିଜୀଙ୍କର ଦୋଳାୟମାନ ପାପୁଲିକୁ ଦୁଇଥର ଦଂଶିଲା। ପୋଷା ଜୀବଟିର ଝାଉଁଳି ଯାଉଥିବା ଫଣାରେ ସ୍ୱାମିଜୀ ଗୋଟିଏ ସରୁ ଚୁମ୍ବନ ଦେଇ ତାକୁ ପେଡ଼ି ଭିତରେ ପୂରାଇ କହିଲେ– ଯା, ବେଟା ଶୋଇଯା।

ଆମେରିକୀୟ ଯାତ୍ରୀ ମୁହଁରେ ମଦ ଗ୍ଲାସ୍ ସହ ଏକ 'ଷ୍ଟାଚ୍ୟୁ' ବନିଗଲେ। ଆଫ୍ରିକୀୟ ଯାତ୍ରୀଙ୍କ ମୁହଁରୁ ଅର୍ଦ୍ଧଦଗ୍ଧ ସିଗାର୍‌ଟି ତଳେ ଖସିପଡ଼ିଲା। ଚୀନୀୟ ଯାତ୍ରୀଙ୍କ ଛଟପଟ ହେବା ବନ୍ଦ ହୋଇଗଲା।

କହିବା ବାହୁଲ୍ୟ ଯେ, ଏଥୁଅନ୍ତେ ଜଣକ ପରେ ଜଣେ ଏମିତି ତିନି ବିଦେଶୀ ବେଙ୍ଗପରି ଫକ୍‌ଫକ୍ ଡେଇଁ କମ୍ପାର୍ଟମେଣ୍ଟରୁ ନିଷ୍କ୍ରାନ୍ତ ହୋଇଗଲେ।

# ଭିକାରି

ମୂଳ ଇଂରାଜୀ– ଆଂଟନ ଚେଖଭ

ଅନୁସୃଜନ– ଡ. ସୂଚନା ପାଢ଼ୀ

ଆଜ୍ଞା! ଦୟା କରନ୍ତୁ, ବାବୁ! ଦୟାକରି ମୋ' କଥା ଶୁଣନ୍ତୁ। ମୁଁ ଭୋକରେ ଆଉଟୁପାଉଟୁ ହୋଇଯାଉଛି। ତିନିଦିନ ହେଲା କିଛି ଖାଇନି। ବାବୁ! ଭଗବାନଙ୍କ ରାଣ, ସତ କହୁଛି। ଆଠ ନଅ ବର୍ଷ ପୂର୍ବେ ମୁଁ ସ୍କୁଲ ଶିକ୍ଷକ ଥିଲି। ମୋ' ପ୍ରତି ଅବିଚାର କରି ସ୍କୁଲ କମିଟି ଚାକିରିରୁ ବାହାର କରିଦେଲେ। କ'ଣ କରିବି? କ'ଣ ଖାଇବି? କିମିତି ବଞ୍ଚିବି? ଦୟା କରନ୍ତୁ ଆଜ୍ଞା! ମୋର ଆଉ କିଛି ରୋଜଗାର ନାହିଁ। ଦୟା କରନ୍ତୁ।

ଆଡ୍‌ଭୋକେଟ୍ ସେର୍‌ଗି ଭିକାରିର କଥା ଏକଲୟରେ ଶୁଣିଥିଲେ। ତାଙ୍କୁ ମନେହେଲା ଏଇ ମଳିନ ବସ୍ତ୍ର ପରିହିତ ମଦୁଆ ଲୋକକୁ ସେ ଏଥିପୂର୍ବରୁ କୋଉଠି ଦେଖିଛନ୍ତି। ପ୍ରକୃତ ପରିଚୟ ପଚାରିବାରୁ ଭିକାରି କହିଲା– ମୁଁ ଏ ଜାଗା ଛଡ଼ା ଆଉ କୁଆଡ଼େ ଯାଏନି। ଦୟା କରନ୍ତୁ ଆଜ୍ଞା! କିଛି ସାହାଯ୍ୟ ଦିଅନ୍ତୁ।

ସେର୍‌ଗି ଭିକାରି କଥାରେ ସନ୍ଦେହ କରି ତା'ର ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଚାହିଁଲେ। ଜୋତା ଉପରେ ନଜର ପଡ଼ିଲା। ଦେଖିଲେ, ଜୋତା ଦୁଇଟି ଏକା ସାଇଜର ନୁହେଁ। ତାଙ୍କ ପଛ କଥା ମନେପଡ଼ିଲା। କହିଲେ, ମୁଁ ତୁମକୁ ଅନ୍ୟ ଜାଗାରେ ଦେଖିଥିଲି। ତୁମେ ସେଇଠି କହିଥିଲ– ମୁଁ ଜଣେ ଛାତ୍ର, ମୋତେ କଲେଜରୁ ବାହାର କରି ଦିଆଯାଇଛି। କିଛି ସାହଯ୍ୟ ଦିଅନ୍ତୁ ବାବୁ। ସେ ଜାଗାରେ ତୁମେ ସ୍କୁଲ ଟିଚର୍ ବୋଲି କହି ନ ଥିଲ ତ!

– ଆଜ୍ଞା! ପ୍ରକୃତରେ ମୁଁ ସ୍କୁଲ ଶିକ୍ଷକ, ଆପଣ ଚାହିଁଲେ ପ୍ରମାଣ ଦେଇପାରିବି।

ଭିକାରିର କଥା ମିଛ ବୋଲି ଜାଣିପାରି ସେର୍‌ଗି କହିଲେ– କ'ଣ ହେଲା, ସେତେବେଳେ ଛାତ୍ର କହିଥିଲ ଏଇନା ଶିକ୍ଷକ କହୁଛ, ତୁମେ କ'ଣ କିଛି ମନେ ରଖିପାରୁନ? ଲୋକଙ୍କୁ ମିଛ ସତ କହୁଛ? ଏମିତି ଠକୁଛ? ତୁମକୁ ପୋଲିସ୍‌ରେ ଧରେଇଦେବି।

– ଆଜ୍ଞା! ସେମିତି କରନ୍ତୁନି, ଦୟା କରନ୍ତୁ। ପ୍ରକୃତରେ ମୁଁ ମିଛ କହିଛି। କିଛି ବର୍ଷ ପୂର୍ବେ ଗୋଟିଏ ସଙ୍ଗୀତ ପାର୍ଟିରେ ଗୀତ ବୋଲୁଥିଲି। ମଦ ପିଇବା ଅଭ୍ୟାସରୁ ମାତାଲ ହୋଇଗଲି। ମୋତେ ବାହାର କରିଦେଲେ। କ'ଣ କରିବି? ଭୋକରେ ଆଉଟୁପାଉଟୁ ହୋଇ ଭିକ ମାଗୁଛି।

– ତୁମେ କି କାମ କରିପାରିବ? କ'ଣ କ'ଣ କାମ ଜାଣିଛ?

ଭିକାରିର ନ ଶୁଣିପାରିବା ଅଭିନୟ ଦେଖି ସେର୍‌ଗି ପାଖକୁ ଯାଇ କହିଲେ– କାମ କର, ନିଶ୍ଚୟ ଖାଇବାକୁ ପାଇବ।

– ସତ କଥା ଯେ, ମୋତେ କିଏ କାମ ଦେବ?

– ତୁମେ କାଠ ହାଣିପାରିବ?

– ହଁ, କାଠ ହାଣିପାରିବି। ଆଜିକାଲି ଭଲ କାଠ କଟାଳିକୁ କାମ ମିଳୁନି, ବେକାର ବସିଛନ୍ତି, ମୋତେ କିଏ ପଚାରେ!

– ତୁମେ ଆମ ଘରେ କାଠ କାଟିବା କାମ କରିବ କି?

– କାମ ମିଳିଲେ ନିଶ୍ଚୟ କରିବି।

– ଠିକ୍ ଅଛି, ତୁମକୁ ସେଇ କାମ ଦିଆଯିବ। ତୁମ ନାଁ?

– ଲସ୍‌କଫ୍।

– ଆସ ମୋ' ସାଙ୍ଗରେ। ଲସ୍‌କଫ୍‌କୁ ସାଙ୍ଗରେ ନେଇ ସେର୍‌ଗି ଘରକୁ ଗଲେ। ଘରେ ପହଞ୍ଚି ରୋଷେୟା ଓଲ୍‌ଗାକୁ କହିଲେ– ୟାକୁ ନେଇ କାଠ କାଟିବା କାମରେ ନିୟୋଜିତ କର। ସେ କାଠହଣା କାମ ଜାଣିଛି।

ବିଚାରା ଲସ୍‌କଫ୍! କ'ଣ କରିବ? ବାଧ୍ୟ ହେଇ ଓଲ୍‌ଗା ପଛେପଛେ ଗଲା। ତାକୁ ସେ କାମ କରିବାକୁ ଟିକେ ବି ଇଚ୍ଛା ଲାଗୁ ନ ଥିଲା। ଏତେ ଦୁର୍ବଳ ଦେହ, ଭାବିଲା– ହଉ ଦେଖିବା।

ଓଲ୍‌ଗା ସହିତ ଲସ୍‌କଫ୍‌କୁ ପଠେଇ ସେର୍‌ଗି ଖୋଲା ଝରକା ବାଟେ ଦେଖୁଥିଲେ। କିଛି ସମୟ ପରେ ଓଲ୍‌ଗା ବିରକ୍ତ ହୋଇ ଲସ୍‌କଫ୍‌କୁ ସାଙ୍ଗରେ ଧରି ଆସିଲା। ରାଗିକି ଇୟାଡୁ ସିଆଡୁ କହୁଥାଏ। ଓଲ୍‌ଗା ମୁହଁରେ ଦୟାମିଶା ବିରକ୍ତି ଭାବଭଙ୍ଗୀ ଦେଖି ସେର୍‌ଗି ଲସ୍‌କଫ୍‌କୁ ଚାହିଁଲେ, ଦେଖିଲେ– କାଠ



ହାଣି ତା' ହାତ ମୁହଁ ଲାଲ୍ ପଡ଼ିଯାଇଛି। ଓଲ୍‌ଗା ମଧ୍ୟ ରାଗିକି ତା' ଆଡ଼କୁ କୁରାଢ଼ି ଫୋପାଡ଼ି ଦେଲା। କଡ଼ା ଭାଷାରେ କ'ଣ ସବୁ ପୁଣି କହିଲା। ବିଚାରା ଲସ୍‌କଫ୍ କୁରାଢ଼ି ଉଠାଇବାକୁ କଷ୍ଟେମଷ୍ଟେ ଚେଷ୍ଟା କଲା।

ଦୁହିଁଙ୍କର ଦୟନୀୟ ଅବସ୍ଥା ଦେଖି ସେର୍‌ଗି ମନ ଦୁଃଖ କଲେ, ମଦୁଆ ହାତରେ କାମ କରେଇ ଭୁଲ କରିଛନ୍ତି ବୋଲି ଭାବିଥିଲେ। ଓଲ୍‌ଗା କହିଲା– 'କାଠହଣା କାମ ସରିଲା।'

– ଠିକ୍ ଅଛି, ତାକୁ ପଚାଶ ଟଙ୍କା ଦେଇଦିଅ, କୁହ ଯେ ଯଦି ସେ ଚାହେଁ ପ୍ରତି ମାସରେ ଆସି କାମ କରୁ। ମୁଁ ତାକୁ କାମ ଦେବି।

ସତକୁ ସତ ପ୍ରତି ମାସର ପ୍ରଥମ ଦିନ ଲସ୍‌କଫ୍ ଆସି କାମ କଲା। ପରେପରେ ଅଧିକରୁ ଅଧିକ କାମ କରିବାରୁ ବେଶି ଟଙ୍କା ପାଇଲା। ଛିଣ୍ଡା ପୋଷାକ ପିନ୍ଧିଥିବା ଦେଖି ସେର୍‌ଗି ପ୍ୟାଣ୍ଟ, ଶାର୍ଟ, କୋଟ୍ ସବୁ ଦେଲେ। କେତେଦିନ ଅତିବାହିତ ହେବା ପରେ ସେର୍‌ଗି ନିଜର ରହିବା ଘରଟି ବଦଳାଇଲେ। ଲସ୍‌କଫ୍ ତାଙ୍କ ମନ ଖୁସି କରିବା ପରି ଅନେକ ସାହାଯ୍ୟ କରିଥିଲା। ଟିକିଏ ବି ଥକି ନ ଥିଲା। ଫଳରେ ଆସ୍ତେଆସ୍ତେ ସମସ୍ତେ ତାକୁ ବିଶ୍ୱାସ କରିବାକୁ ଲାଗିଲେ। ସମସ୍ତଙ୍କର ସେ ବିଶ୍ୱାସୀ ଭୃତ୍ୟ ହୋଇଗଲା।

କିଛିଦିନ ପରେ ସେର୍‌ଗି କହିଲେ, ଯାହା ହେଉ ମୋ' କଥା ମାନି କାମ କଲ, ମୋତେ ବହୁତ ଖୁସି ଲାଗିଲା। ନିଅ ପାଞ୍ଚଶହ ଟଙ୍କା, ଖର୍ଚ୍ଚ କରିବ। ଲସ୍‌କଫ୍! ତୁମେ ଲେଖାଲେଖି କାମ କରିପାରିବ?

– ନିଶ୍ଚୟ ପାରିବି।

–ଠିକ୍‌ଅଛି, ଏଚିଠିନେଇମୋରଜଣେବନ୍ଧୁଙ୍କପାଖକୁଯାଅ।ମନେରଖ, ବିଶ୍ୱସ୍ତ ଭାବରେ କାମ କରିବ, ଜମା ମଦ ପିଇବ ନାହିଁ। ମୋ' ଉପଦେଶ ଭୁଲିବନି।

ଆନନ୍ଦରେ ବିହ୍ୱଳିତ ଲସ୍‌କଫ୍ ଠିକଣା ଜାଗାକୁ ଗଲା। ତାକୁ ନୂଆ କାମ ମିଳିଗଲା।

ଦୁଇ ବର୍ଷ ପରେ ଦିନେ ସନ୍ଧ୍ୟାରେ ସେର୍‌ଗି ସିନେମା ଦେଖିବା ପାଇଁ ଟିକେଟ୍ କାଟିବାକୁ ଧାଡ଼ିରେ ଠିଆ ହୋଇଥିଲେ। ସେହି ଧାଡ଼ିରେ ଲସ୍‌କଫ୍ ଠିଆ ହୋଇଥିବା ଦେଖିଲେ। ସେ ଭଲ ଡ୍ରେସ୍ ପିନ୍ଧିଥିଲା, ଚେହେରା ବଦଳି ଯାଇଥିଲା। ତା' ପାଖକୁ ଯାଇ କହିଲେ– ତୁମେ ଲସ୍‌କଫ୍?

– ଆଜ୍ଞା! ନମସ୍କାର।

– କିମିତି ଅଛ? ବହୁତ ଦିନ ପରେ ଦେଖିଲି।

– ଭଲ ଅଛି ସାର୍! ମୁଁ ଓକିଲାତି କରୁଛି। ମାସକୁ ପ୍ରାୟ ତିନି ହଜାର ଟଙ୍କା ରୋଜଗାର କରିପାରୁଛି।

– ତୁମ କଥା ଜାଣି ଖୁସି ଲାଗିଲା। ଲସ୍‌କଫ୍! ତୁମେ ମୋ' ନାତି ବୟସର, ଭଗବାନ ତୁମର ମଙ୍ଗଳ କରନ୍ତୁ। ସେଦିନ ତମୁକୁ ଠିକଣା ବାଟକୁ ଆଣିବା ପାଇଁ ପ୍ରଥମେ କଷ୍ଟ କାମ କରେଇଥିଲି। ତୁମେ ମୋର ଗୋଡ଼ତଳେ ମୁଣ୍ଡିଆମାରି ଖାଇବାକୁ ମାଗିଥିଲ। ଯୁବକମାନଙ୍କର ଏପରି ଅବସ୍ଥା ଦେଖିଲେ ମୋତେ ବହୁତ କଷ୍ଟ ହୁଏ।

– ଆପଣଙ୍କୁ ଅଶେଷ କୃତଜ୍ଞତା ଜଣାଉଛି। ସେଦିନ ଆପଣଙ୍କ ସଂସ୍ପର୍ଶରେ ଆସି ନ ଥିଲେ ବୋଧେ ଆଜିପର୍ଯ୍ୟନ୍ତ ମିଛ ପରିଚୟ ଦେଇ ଭିକ ମାଗୁଥା'ନ୍ତି। ଆପଣ ମୋତେ ନର୍କରୁ ଉଦ୍ଧାର କରିଦେଲେ।

– ତୁମର ପରିବର୍ତ୍ତନ ଦେଖି ମୋତେ ବହୁତ ଆନନ୍ଦ ଲାଗୁଛି।

– ଆପଣଙ୍କୁ ଓ ଓଲ୍‌ଗାଙ୍କୁ ବହୁତ ଧନ୍ୟବାଦ। ଆପଣମାନଙ୍କ ପାଖରେ ମୁଁ ଚିରକୃତଜ୍ଞ। ଭଗବାନ ଓଲ୍‌ଗାଙ୍କ ପ୍ରତି ସଦୟ ହୁଅନ୍ତୁ। ସାର୍! ଆପଣଙ୍କ ସ୍ନେହ ସଦିଚ୍ଛା ଭୁଲି ପାରିବି ନାହିଁ। ସତ କହୁଛି, ଓଲ୍‌ଗା ହିଁ ମୋ' ଜୀବନରେ ପରିବର୍ତ୍ତନ ଆଣିଛନ୍ତି।

– ଓଲ୍‌ଗା କ'ଣ କଲା?

– ପ୍ରଥମେ ଯୋଉଦିନ ତାଙ୍କ ସହିତ କାଠ କାଟିବାକୁ ଯାଇଥିଲି, ସେ କହିଲେ– ତୁ ଏତେ ଦୁର୍ବଳ, ଏ କଷ୍ଟ କାମ କରିପାରିବୁନି। ମୋ' ଦୁଃଖ ଦେଖି କାନ୍ଦି ପକେଇଲେ। ପଚାରିଲେ– ତୋର କ'ଣ କେହି ଏ ଦୁନିଆରେ ନାହାନ୍ତି? ତୁ ଏମିତି ମଦ ପିଇ ବୁଲୁଛୁ? ଏତେ ମଦ ପିଇଲେ କି କାମ କରିବୁ? ସାର୍! ସେଦିନ ସେ ହିଁ ମୋ' ପାଇଁ କାଠ କାଟିଥିଲେ, ସୁଧୁରି ଯିବାପାଇଁ କାନ୍ଦିକାନ୍ଦି ବହୁତ ବୁଝାଇଲେ। ମୋର କେମିତି ପରିବର୍ତ୍ତନ ଘଟିଲା କହିପାରିବିନି, କାହିଁକି ମଦ ଛାଡ଼ିଦେଲି ଜାଣେନା। କେବଳ ଏତିକି କହିବି ଓଲ୍‌ଗାର ସ୍ନେହ, ପ୍ରେମଭରା ସେଇ କେଇ ପଦ କଥା ମୋ' ଜୀବନର ଗତିପଥ ବଦଳାଇଦେଲା। ସେ ମୋ' ପାଇଁ ଦେବତା। ତାଙ୍କୁ ମୋର ପ୍ରଣାମ ଜଣାଇଦେବେ।

କଥାବର୍ତ୍ତା ଚାଲିଥିବାବେଳେ ସିନେମା ହଲ୍ ଘଣ୍ଟି ଶବ୍ଦ ଶୁଣାଗଲା। ଲସ୍‌କଫ୍ କହିଲେ– ସାର, ବେଲ୍ ବାଜିଲାଣି। ଚାଲନ୍ତୁ ଭିତରକୁ ଯିବା, ସିନେମା ଆରମ୍ଭ ହେବ।

– ଚନ୍ଦ୍ରପ୍ରଭା ସାହି–୧, ବ୍ରହ୍ମପୁର–୧

## ଗଳ୍ପ

# ମଞ୍ଚ

**ମୀନାକ୍ଷୀ ଦେବୀ**

ସେଦିନ କଲିଆରୀର ନିରସ ଶୁଷ୍କ ପରିବେଶରେ ପ୍ରାଣ ସଞ୍ଚାରିତ ହେଲା ପରି ଲାଗୁଥିଲା। କୋଇଲାଗୁଣ୍ଡରେ ଆଚ୍ଛାଦିତ ରାସ୍ତାସବୁ ଫୁଲ ତୋରଣରେ ନବବଧୂ ପରି ସଜେଇ ହୋଇଥିଲେ। ପାଖ ପଡ଼ିଆରେ ବିରାଟ ମଞ୍ଚ। ସାମ୍ନାରେ ଧାଡ଼ିଧାଡ଼ି ନାଲି ନେଳି ଚେୟାର। ଏକ ସୁନ୍ଦର ବର୍ଣ୍ଣାଢ଼୍ୟ ପରିବେଶ। ଠିକ୍ ସମୟରେ କାର୍ଯ୍ୟକ୍ରମ ଆରମ୍ଭ ହେଲା। ବିରାଟ ଜନସମାବେଶ। କେବେ କେମିତି କଲିଆରୀରେ ଏମିତି ଉତ୍ସବ ହୁଏ। ଚେୟାରସବୁ ପୂର୍ଣ୍ଣ। ଶହଶହ ଲୋକ ଠିଆ ହୋଇ ରହିଛନ୍ତି। ମନ୍ତ୍ରୀଙ୍କୁ ଦେଖିବା ପାଇଁ ସମସ୍ତେ ଉଦ୍‌ଗ୍ରୀବ। ମନ୍ତ୍ରୀ ଠିକ୍ ସମୟରେ ଆସି ପହଞ୍ଚିଲେ। ରାଜ୍ୟର ଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀମତୀ ସବିତା ସାମନ୍ତରାୟ ଆଜିକାର ଉତ୍ସବର ମୁଖ୍ୟ ଅତିଥି। ମନ୍ତ୍ରୀ ପୂର୍ବରୁ କେବେ ଏ ଉପାନ୍ତ ଅଞ୍ଚଳକୁ ଆସି ନ ଥିବାରୁ ତାଙ୍କୁ ଦେଖିବାକୁ ଲୋକଙ୍କର ପ୍ରବଳ ଆଗ୍ରହ।

ଉତ୍ସବଟି ଥିଲା କଲିଆରୀସ୍ଥ ମହିଳା ସମିତିର ବାର୍ଷିକୋତ୍ସବ। ମୁଖ୍ୟତଃ କଲିଆରୀର ଅଫିସରମାନଙ୍କ ପତ୍ନୀମାନଙ୍କୁ ନେଇ ଏଇ ମହିଳା ସମିତି ଗଢ଼ି ଉଠିଛି। ଅଫିସରମାନଙ୍କ ଘରେ ଦୁଇତିନି ଜଣ ଲେଖାଏଁ ଅର୍ଡର୍ଲି। କଲିଆରୀର ରୁଟିନ୍‌ବନ୍ଧା କାମ ଭିତରୁ ସ୍ୱାମୀମାନଙ୍କୁ ଫୁର୍‌ସତ୍ ମିଳେନି। ତେଣୁ ପତ୍ନୀମାନଙ୍କର ଅଖଣ୍ଡ ଅବସରର ଉପଯୋଗ ହୁଏ ମହିଳା ସମିତିର ବିଭିନ୍ନ କାର୍ଯ୍ୟକ୍ରମରେ। କାର୍ଯ୍ୟକ୍ରମର ମୁଖ୍ୟ ବିଭାଗଟି ହେଲା ପାରିବାରିକ ଆଲୋଚନା। କାହା ଶାଢ଼ିର ଦାମ୍ କେତେ ଟଙ୍କା, କାହା ମାମୁ ରୁଷିଆରେ ଅଛନ୍ତି, କାହା ଭଉଣୀ ଷ୍ଟେଟ୍‌ସରୁ ଇମ୍ପୋର୍ଟେଡ୍ ଜିନିଷ ପଠାଇଥିଲେ, କାହା ପୁଅ ଝିଅ କେମିତି ପାଠ ପଢୁଛନ୍ତି, କାହା ଶାଶୁଘରଠାରୁ କେମିତି କାହା ବାପଘର କେତେ ବଡ଼ଲୋକ– ଏମିତି ବିଭିନ୍ନ ଆଲୋଚନା। ତା' ଭିତରକୁ ଧସେଇ ଆସେ ନିଜନିଜ ସ୍ୱାମୀଙ୍କର କର୍ମଦକ୍ଷତା ଓ ସଚ୍ଚୋଟତାର ବର୍ଣ୍ଣନା, ଆଉ ସେମାନଙ୍କର ପତ୍ନୀପ୍ରାଣତାର ପୁଙ୍ଖାନୁପୁଙ୍ଖ ବିବରଣୀ। ଏଇମିତି ନିଜ ନିଜର ଆତ୍ମବଡ଼ିମା ଦେଖାଉ ଦେଖାଉ ଆଲୋଚନା ଚାଲିଆସେ ଅତି ନୀଚ ସ୍ତରକୁ। କାହା ଝିଅ କାହା ସାଙ୍ଗରେ

ମହିଳା ସମିତିର ପ୍ରକୃତ ଉଦ୍ଦେଶ୍ୟ
ଆଉ କାର୍ଯ୍ୟକ୍ରମ ବିଷୟରେ କଦବା କ୍ୱଚିତ୍
ଆଲୋଚନା ହୁଏ। ପ୍ରତି ଜାତୀୟ ଦିବସରେ
ବସ୍ତି ଅଞ୍ଚଳର ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରି
ନିଜ ଦେଶପ୍ରେମର ପରିଚୟ ଦେବା
ମହିଳା ସମିତିର ମୁଖ୍ୟ କାର୍ଯ୍ୟକ୍ରମ ଭିତରୁ ଗୋଟିଏ।

ପଳେଇଲା, କିଏ ମାସକୁ ପାଞ୍ଚ ହଜାର ଟଙ୍କାର କସ୍ମେଟିକ୍‌ସ ଲଗେଇଲା, କାହାର କାହା ସହିତ ଆଫେୟାର୍ସ ଚାଲିଛି, କିଏ କେତେ ବ୍ଲାକ୍‌ମନି ରଖିଛି– ଏମିତି କେତେ କ'ଣ।

ମହିଳା ସମିତିର ପ୍ରକୃତ ଉଦ୍ଦେଶ୍ୟ ଆଉ କାର୍ଯ୍ୟକ୍ରମ ବିଷୟରେ କଦବା କ୍ୱଚିତ୍ ଆଲୋଚନା ହୁଏ। ପ୍ରତି ଜାତୀୟ ଦିବସରେ ବସ୍ତି ଅଞ୍ଚଳର ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ନିଜ ଦେଶପ୍ରେମର ପରିଚୟ ଦେବା ମହିଳା ସମିତିର ମୁଖ୍ୟ କାର୍ଯ୍ୟକ୍ରମ ଭିତରୁ ଗୋଟିଏ। ବେଳେବେଳେ ବସ୍ତିବାସିନ୍ଦାମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ସମିତିର ସଭ୍ୟମାନଙ୍କ ଦ୍ୱାରା ବିଭିନ୍ନ ଉପଦେଶ ଦିଆଯାଏ। ସ୍ୱାମୀମାନେ ଆଣୁଥିବା ଉପୁରି ପଇସାରେ ରୋଗୀମାନଙ୍କୁ ଫଳ ଓ ପାଉଁରୁଟି ପ୍ରଭୃତି ବାଣ୍ଟି ସଭ୍ୟାମାନେ ବାହାବା ନିଅନ୍ତି।

ସେଦିନ ବାର୍ଷିକୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗୋଟିଏ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା। ବିଷୟବସ୍ତୁଟି ଥିଲା ''ସାମ୍ପ୍ରତିକ ସମାଜରେ ନାରୀ''। ବିଷୟବସ୍ତୁ ଉପରେ କହିବା ପାଇଁ ମଞ୍ଚାସୀନ ଅତିଥିମାନଙ୍କୁ ବିଶେଷଭାବରେ ଅନୁରୋଧ କରାଯାଇଥିଲା। ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ସାମନ୍ତରାୟ ତାଙ୍କ ସାରଗର୍ଭକ ଭାଷଣରେ ନାରୀମାନେ କୌଣସି ପରିସ୍ଥିତିରେ ମଧ୍ୟ ନିଜର ସ୍ୱାଭିମାନକୁ ଛାଡ଼ିବା ଉଚିତ ନୁହେଁ ବୋଲି କହିଥିଲେ। ଅଥଚ ରାଜନୀତିରେ ଉପରକୁ ଉଠିବା ପାଇଁ ସେ ନିଜେ କେତେକେତେ ଉପରିସ୍ଥଙ୍କ ପଦଲେହନ କରିଛନ୍ତି, ତାହା ଲେଖିବସିଲେ ପୋଥିଟିଏ ହେବ। ଅବଶ୍ୟ ଦୀପରୁଖାକୁ ଉଠିଲା ପରେ ପିମ୍ପୁଡ଼ି ତଳର ଅନ୍ଧକାର ସହିତ ନିଜର ସ୍ଥିତି ଭୁଲିଗଲା ପରି ସେ ନିଜର ଅନ୍ଧକାରମୟ ଅତୀତକୁ ଭୁଲି ଯାଇଛନ୍ତି। କିନ୍ତୁ ଜନତା ତ ଭୁଲି ପାରିନାହାନ୍ତି। ତେଣୁ ବାରମ୍ବାର ଆତ୍ମସମ୍ମାନ ଆଉ ସ୍ୱାଭିମାନ ଶବ୍ଦର ଉଚ୍ଚାରଣ ମନ୍ତ୍ରୀ ମହୋଦୟାଙ୍କ ଭାଷଣକୁ କିପରି ଜନସାଧାରଣଙ୍କ ନିକଟରେ ହାସ୍ୟାସ୍ପଦ କରି ତୋଳୁଥିଲା, ତାହା ଶ୍ରୋତାମାନଙ୍କର ନିଭୃତ ଆଲୋଚନା ଆଉ ଚାପା ହସରୁ ବାରିହୋଇ ପଡୁଥିଲା।

ମୁଖ୍ୟ ଅତିଥିଙ୍କ ପରେ ମୁଖ୍ୟବକ୍ତା ସ୍ଥାନୀୟ ବ୍ଲକ୍ ଉନ୍ନୟନ ଅଧିକାରୀ ତଥା ବିଶିଷ୍ଟ ନାଟ୍ୟକାର ଅରବିନ୍ଦ ମହାପାତ୍ର ତାଙ୍କର ସୁଲଳିତ କଣ୍ଠରେ ରାମାୟଣ ଓ ମହାଭାରତର ବିଭିନ୍ନ ପଂକ୍ତି ଉଦ୍ଧାର କରି ପ୍ରାଚୀନ ଯୁଗରେ ନାରୀମାନଙ୍କର କିପରି ସମ୍ମାନ ଥିଲା ଓ ବର୍ତ୍ତମାନ ତାହା କିପରି ଓ କାହିଁକି ଲୋପ ପାଇଯାଇଛି, ତା'ର ଏକ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ। ସାହିତ୍ୟ ସମାଜର ପ୍ରତିବିମ୍ବ ହୋଇଥିବାରୁ ସାହିତ୍ୟରେ ସାମ୍ପ୍ରତିକ ନାରୀର ଦୁଃଖଦୁର୍ଦ୍ଦଶା ସବୁ ଚିତ୍ରିତ ହୋଇ ଲୋକଲୋଚନକୁ ଆସିବା ଦରକାର ବୋଲି ସେ କହିଥିଲେ, ଯଦିଓ ତାଙ୍କ ରଚିତ ନାଟକଗୁଡ଼ିକ ଥିଲା ଆବସର୍ଡ ନାଟକ ପରମ୍ପରାର। ପାଶ୍ଚାତ୍ୟ ଚିନ୍ତାଧାରାର ସେଗୁଡ଼ିକ ଥିଲା ଅଧିକ ନିକଟବର୍ତ୍ତୀ। କାରଣ ପାଶ୍ଚାତ୍ୟ ସଭ୍ୟତାର ଅତ୍ୟଧିକ ନିଃସଙ୍ଗତା, ପରସ୍ପର ସମ୍ପର୍କହୀନତାର ଚିତ୍ର ସେଥିରେ ଏପରି ଭାବେ ସ୍ଥାନ ପାଇଥିଲା, ଯାହା ଭାରତୀୟ ସମାଜ-ବ୍ୟବସ୍ଥାରେ ବଢ଼ିଥିବା ପାଠକମାନଙ୍କୁ କ୍ଳାନ୍ତିକର ବୋଧ ହେଉଥିଲା। ଏହାହିଁ ତାଙ୍କୁ ଅନ୍ୟ ନାଟ୍ୟକାରଙ୍କଠାରୁ ସ୍ୱତନ୍ତ୍ର କରି ଚିହ୍ନାଇ ଦେଉଥିଲା ଏବଂ ଅନେକ ସାହିତ୍ୟିକଙ୍କ ସମ୍ମାନ ଅର୍ଜନରେ ସକ୍ଷମ କରିଥିଲା। ତାଙ୍କ ସାହିତ୍ୟର କୌଣସି ଗୋଟିଏ ସ୍ଥାନରେ ନାରୀ ନିର୍ଯାତନା ସମ୍ବନ୍ଧରେ ଉଲ୍ଲେଖ ନ ଥିଲେ ମଧ୍ୟ ନାରୀମାନଙ୍କ ଦୁର୍ଗତି ଦୂର କରିବା ପାଇଁ ସାହିତ୍ୟ ସବୁଠାରୁ ବଳିଷ୍ଠ ମାଧ୍ୟମରୂପେ କାର୍ଯ୍ୟ କରିପାରିବ ବୋଲି ମତପ୍ରକାଶ କରି ସେ ନିଜର ବକ୍ତବ୍ୟ ସାଙ୍ଗ କରିଥିଲେ।

ଏହିପରି ବିଭିନ୍ନ ବକ୍ତାଙ୍କ ସାରଗର୍ଭକ ଭାଷଣ ପରେ ଉତ୍ସବର ସଭାପତି ତଥା ମହିଳା ସମିତି ସଭାନେତ୍ରୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମଲ ନାରୀ ନିର୍ଯାତନା ସମ୍ବନ୍ଧରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରି ନାରୀ ହିଁ ନାରୀର ଶତ୍ରୁ ବୋଲି ବର୍ଣ୍ଣନା କରିଥିଲେ। ଶ୍ରୀମତୀ ସାମଲ କଲିଆରୀର ଜେନେରାଲ୍ ମ୍ୟାନେଜର ରତ୍ନାକର ସାମଲଙ୍କ ପତ୍ନୀ। ଘରେ-ବାହାରେ ଆଉ ବିଶେଷକରି ସ୍ୱାମୀଙ୍କ ଉପରେ ତାଙ୍କର ଅଖଣ୍ଡ ପ୍ରତିପତ୍ତି। ମହିଳା ସମିତିରେ କେବଳ ତାଙ୍କର ହୁକୁମ ଚଳେ। ମିଷ୍ଟର ସାମଲଙ୍କୁ କହି ସେ ମହିଳା ସମିତି ପାଇଁ ଅନେକ ସୁବିଧା କରେଇ ଦେଇଛନ୍ତି। ଠିକାଦାରମାନେ ଶ୍ରୀଯୁକ୍ତ ସାମଲଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳା ସମିତି ପାଇଁ ସୁଦୃଶ୍ୟ ଅଫିସ୍ ଗୃହଟିଏ ଗଢ଼ି ଦେଇଛନ୍ତି। ଯଥେଷ୍ଟ ଚାନ୍ଦା ବି ଦେଇଛନ୍ତି ମହିଳା ସମିତିର ଉନ୍ନୟନ ପାଇଁ।

ଶ୍ରୀମତୀ ସାମଲ ଅତି ଭାବବିହ୍ୱଳ ସ୍ୱରରେ ବର୍ଣ୍ଣନା କରିଥିଲେ ନାରୀ ନିର୍ଯାତନାର ଅନେକ କରୁଣ କାହାଣୀ। ଏସବୁ ଦୂର କରିବା ପାଇଁ ତାଙ୍କ ମହିଳା ସମିତି ବଳିଷ୍ଠ ପଦକ୍ଷେପମାନ ନେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଦିନ ଖବରକାଗଜରୁ ଏସବୁ ପଢ଼ିପଢ଼ି ସେ ଦୁଃଖରେ ଭାଙ୍ଗି ପଡ଼ିଲେଣି ବୋଲି କହିଥିଲେ। ଏ ପ୍ରକାର ଖବର ବାହାରୁଥିବାଯାଏ ଖବରକାଗଜ ପଢ଼ିବେନି ବୋଲି ଅତ୍ୟନ୍ତ ଦୃଢ଼ତାର ସହ ଘୋଷଣା କରିଥିଲେ ଶ୍ରୀମତୀ ସାମଲ। ତାଙ୍କର ଏହି ମହନୀୟ ପଦକ୍ଷେପକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ ସମବେତ ଜନତା। କରତାଳିରେ କମ୍ପି ଉଠିଥିଲା ସଭାସ୍ଥଳ।



ଏମିତି ଏକ ଭାବବିହ୍ୱଳ ପରିବେଶରେ ଏକ ଅଭାବିତ ଘଟଣା ଘଟିଲା। ହଠାତ୍ କେଉଁଠୁ କେଜାଣି, ମଞ୍ଚ ଉପରକୁ ଝଡ଼ବେଗରେ ପଶିଆସିଲେ ଜଣେ ଯୁବତୀ। ଦେହ ଅଧାରୁ ବେଶି ପୋଡ଼ିଯାଇଛି। ଅଧାପୋଡ଼ା ସାୟା ଓ ବ୍ଲାଉଜ୍ ଉପରେ ଶାଢ଼ିଟି ଓହଳିଛି ବରଗଛ ଡାଳରେ ବାଦୁଡ଼ିଟାଏ ଓହଳିଲା ପରି। ଗୋଟାଏ ହୋସ୍‌ରେ ମଞ୍ଚ ଉପରକୁ ଉଠିଯାଇ ଖୁବ୍ ଜୋର୍‌ରେ କଚାଡ଼ି ହୋଇପଡ଼ିଲେ ସେ। କିଛି କହିବାକୁ ଚାହୁଁଥିଲେ ବୋଧେ। ପାଟିଟା ରହିଯାଇଥିଲା ଅଧାଖୋଲା ହୋଇ। ହଇଚଇ ପଡ଼ିଗଲା ସଭାସ୍ଥଳରେ। ସଭାସ୍ଥଳର ପ୍ରାୟ ଅଧାଅଧି ଲୋକ ଯୁବତୀଟିକୁ ଚିହ୍ନି ପାରିଥିଲେ। ''ଏ ତ ଜି.ଏମ୍. ରତ୍ନାକର ସାମଲଙ୍କ ବୋହୂ। ବାହାଘର ବର୍ଷେ ବି ପୂରିନି। ସେଦିନର ଫୁଲପରି ସୁନ୍ଦର ବୋହୂଟି ଆଜି ଏ ବେଶରେ! ଏ ପରିସ୍ଥିତିରେ! କାହାରି ମୁହଁରୁ କିନ୍ତୁ କଥା ବାହାରୁ ନ ଥିଲା। ଏ ଅପ୍ରତ୍ୟାଶିତ ଘଟଣାରେ ସମବେତ ଜନତା ସ୍ତବ୍ଧ ହୋଇ ଥରେ ବୋହୂଟିକୁ ଆଉଥରେ ମଞ୍ଚ ଉପରେ ମୂର୍ତ୍ତି ପରି ଠିଆ ହୋଇଥିବା ଶାଶୁ ବିଶିଷ୍ଟ ସମାଜସେବିକା ତଥା ସ୍ଥାନୀୟ ମହିଳା ସମିତିର ଖ୍ୟାତନାମା ସଭାନେତ୍ରୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମଲଙ୍କୁ ଚାହୁଁଥିଲେ।

**– ଝାଞ୍ଜିରୀମଙ୍ଗଳା (ଚକୋଲେଟ୍ ଲେନ୍), କଟକ**

---

## ମିନି-ଗଳ୍ପ

# ବାପା ଚାଲିଗଲେ

**ସାଗରିକା ପଟ୍ଟନାୟକ**

ଘର ଆଗରେ ଥିଲା ଗହଳି। ଅଟୋରେ ଆସୁଥିଲେ ହେଁ କିଛି ଦୂରରୁ ବେଶ୍ ବାରି ହୋଇପଡୁଥିଲା ଆମ ସୁଉଚ୍ଚ କୋଠାଘର ଆଗରେ ଥିବା ଲୋକମାନଙ୍କର ଉପସ୍ଥିତି। ପୁଅକୁ ଯେନତେନ ଖାଇବାକୁ ଦେଇ ବାହାରିଥାଏ। ଗୁରୁବାର ଥିଲେ ବି ପୂଜାଘର ଆଡ଼େ ଚାହିଁନି। କେଇ ମୁହୂର୍ତ୍ତରେ ଗାଡ଼ି ଲାଗିଲା ମୋ' 'ବାପଘରେ'। ନାଁ ଟା ମୁଁ ଦେଇନି... ବୋଧହୁଏ ଏଇଟା ମୋ' ଘର ନୁହେଁ, ଏବେ ବାପାଙ୍କ ଘର ବୋଲି ଏମିତି ଲୋକେ ଯା' କୁହନ୍ତି।

ଚାରି ଦିନ ଧରି ବିଛଣାରେ ପଡ଼ିଥିଲେ ବାପା। ବୟସ ନବେ ପାର ହୋଇଥିଲେ ବି ଚଲାବୁଲା କରୁଥିଲେ। ସକାଳେ ସାହିତ୍ୟ ଚର୍ଚ୍ଚାରୁ ଆରମ୍ଭ ହୁଏ ତାଙ୍କ ଦିନ। ଏବେ ବି ବେସରକାରୀ ଚାକିରିଆ ଭାବେ ନିଜର ଦଶଘଣ୍ଟା କର୍ମ କରନ୍ତି। ତା' ବାଦ୍ ନିଇତି ପେପର ପଢ଼ା, ଚା ପିଇବା ବେଳେ ଚର୍ଚ୍ଚା, ସାଙ୍ଗ ହୋଇ ମଧ୍ୟାହ୍ନ ଓ ରାତ୍ରଭୋଜନ କରିବା ତାଙ୍କର ନିତିଦିନିଆ ଅଭ୍ୟାସ। ହେଲେ ସେ ଲୋକଟା ଠିକ୍ ଚାରି ଦିନ ପୂର୍ବେ ଗାଧୁଆଘରେ ପଡ଼ିଯିବା ଯୋଗୁ ନିସ୍ତେଜ ହୋଇ ଶେଯରେ ପଡ଼ିବା ଆରମ୍ଭ କରିଥିଲା।

ବାପାଙ୍କ ସବୁ ପିଲାଙ୍କ ପରି ମୁଁ ବି ଉଚ୍ଚ ଶିକ୍ଷିତ। ତେଣୁ ଚାକିରିଟିଏ କରିଛି। ଏଣୁ ସେଦିନ ବାପାଙ୍କୁ ଦେଖିସାରି କର୍ମକ୍ଷେତ୍ରକୁ ଫେରିବା ପାଇଁ ଆଜ୍ଞା ମାଗିଥିଲି। ଶେଷ ଥର ଲାଗି ସେ ଖନିଖନି ପାଟିରେ କହିଥିଲେ, 'ତୁ ଯାଉଛୁ। ସାବଧାନରେ ଯାଇ ପହଞ୍ଚିବୁ'। ସେଦିନ ଆଉ ଆଜି। ବାସ୍ ଦିନ କେଇଟାର ତଫାତ। ବାପାଙ୍କ ସ୍ୱାସ୍ଥ୍ୟ ଖରାପ ହେବା ନେଇ ଖବର ପାଇ ଧାଇଁ ଆସୁଛି ମୁଁ ବାପାଙ୍କ ଘରକୁ।

ହଠାତ୍ ଅଟୋବାଲା ପଇସା ମାଗିବା ବେଳେ ଧ୍ୟାନ ଭାଙ୍ଗିଲା। ତାକୁ ପଇସା ଦେଇ ଲୋକମାନଙ୍କୁ ଆଡ଼େଇ ଘର ଭିତରକୁ ପଶୁଥିବା ବେଳେ ଶୁଭୁଥିଲା କାନ୍ଦବୋବାଳି। ତଥାପି ମନ ସ୍ଥିର ଥାଏ। କିଛି ହୋଇନି ବାପାଙ୍କର। ଏବେ ଯାଇ ପହଞ୍ଚିଲେ ସେ ସବୁଥର ପରି ମୁଣ୍ଡ ଆଉଁସି ଦେବେ ନିଶ୍ଚୟ। ଶେଷରେ ବାପାଙ୍କ ଶୋଇବା ଘର। ଖଟ ଉପରେ ପଡ଼ିଥିବା ଲୋକଟି ଚାରିପଟେ ଘେରି ବସିଛନ୍ତି ଭାଇଭଉଣୀମାନେ। ଏ କ'ଣ! ବାପାଙ୍କ ନାକ ଓ ପାଟିରେ ତୁଳା। ମାମି ଦେଇ ହଠାତ୍ ଜାବୁଡ଼ି ଧରି କହିଲା, ''ସୁନି, ବାପା ଚାଲିଗଲେ...! ବାପା ଚାଲିଗଲେ ଲୋ...!'' ବାସ୍ ସେଇ ମୁହୂର୍ତ୍ତରେ ବୋଧେ ଥମିଗଲା ମୋ' ହୃତ୍‌ସ୍ପନ୍ଦନ। ଏମିତି କେମିତି ଯେ! ସେ ପା ମୋତେ ସମସ୍ତଙ୍କଠାରୁ ବେଶି ଭଲ ପାଉଥିଲେ। କେମିତି କିଛି ନ କହି ଚାଲିଗଲେ! ମୁଁ ବୋଧେ କିଛି ଭୁଲ କରିଦେଲି। ହୁଏତ ଅଫିସ ନ ଯାଇ ବାପାଙ୍କ ପାଖରେ ଆଉ କେଇ ଘଡ଼ି ବସିଥିଲେ ଆଜି ଏତେ କଷ୍ଟ ଲାଗୁ ନ ଥା'ନ୍ତା। ଏମିତି କେତେ ପ୍ରଶ୍ନ ମନରେ ଉଙ୍କି ମାରୁଥିଲା, ହେଲେ ଉତ୍ତର ଦେବା ଲୋକଟା ଆରାମରେ ଶୋଇଥିଲା ମୋ' ସାମ୍ନାରେ...!

**– କାକଟପୁର, ବାଲିସିଂହା, ପୁରୀ**




# ଏଇ ଶୀତରେ

**ଲିପ୍‌ସା ପଟେଲ**

ଏଇ ଶୀତରେ
ସଜାଇପାରନ୍ତି କି
କାକରକୁ ମୋ' କବରୀରେ,
ଜଳି ପାରନ୍ତି କି ଉହ୍ଲେଇରେ
ଜାବୁଡ଼ି ଧରିବାକୁ
ତୁମ ଆଶ୍ଲେଷକୁ
ସେଇ ତନ୍ଦ୍ରାଚ୍ଛନ୍ନ ଉଷ୍ମତାରେ,
ସାରା ରାତି...
ଥପ୍‌ଥପ୍ ହେଇ
ଝରିଯାଆନ୍ତି ଜହ୍ନର ଜ୍ୟୋସ୍ନାରେ
ନିଦୁଆ ରାତିରେ
ହିମ ଶୈଳଟିଏ ପାଲଟି ପାରନ୍ତି କି!

ଦୀପାଳିର ସଳିତାରେ
ନିଜକୁ ଜାଳି
ତୁମ ପାଇଁ ନିମଗ୍ନ ରହନ୍ତି
ଏକ ନିରୀହ ପ୍ରାର୍ଥନାରେ,
ଝରିଯାଉଥିବା ଶେଫାଳୀର
ମନ୍ଦମନ୍ଦ ମହକକୁ
ବନ୍ଦି କରି ରଖିପାରନ୍ତି କି
ସକାଳର ଉଜ୍ଜ୍ୱଳ
ଜୁଇ, ଜିନିଆ ଓ ସୂର୍ଯ୍ୟମୁଖୀରେ...

ମୁଁ ବାରମ୍ବାର
ଘୋଡ଼େଇ ରଖିପାରନ୍ତି ଯଦି
ବିଗତ ସବୁ ସ୍ମୃତିକୁ
ଆଃ ! ସେଇ ଫୁଲପକା କମ୍ବଳ ତଳେ
ତେବେ ଆଉ ଶୀତ ଏମିତି
କଣ୍ଟା ପରି ଫୁଟୁ ନ ଥା'ନ୍ତା
ମୋ' ସାରା ଶରୀରରେ !
ଖୁବ୍ ଭିଜାଏ ସେଇ ସ୍ମୃତି ସବୁ
ଏଇ ଶୀତରେ... !

–ଇରିଗେସନ କଲୋନୀ,
ଭବାନୀପାଟଣା, କଳାହାଣ୍ଡି

# ଶାଢ଼ି

**ଚିରଶ୍ରୀ ଇନ୍ଦ୍ରସିଂ**

ବିଜ୍ଞାପନର ପିତୁଳା
ପିନ୍ଧିଥିଲା ଯେଉଁ ଶାଢ଼ି
ସେଇଟା ସବୁଠାରୁ ଭଲ ଲାଗିଲା
ସେଇ ଶାଢ଼ିଟା ହିଁ କିଣିବି ବୋଲି କହିଲି ।

ମୁହୂର୍ତ୍ତକରେ ପଥରରୁ
ତିଆରି କରି ଦେଇପାରେ ମାଟି, ବିଜ୍ଞାପନ
ତିଆରି କରିପାରେ ସତସତିକା
ମାଛ, ଜାଲ, ନିଆଁ ଓ ନିଧୁବନ,
ଆଜ୍ଞାଧୀନ ପବନ
ମୁଁ ତ ଛାର ଗରାଖ ଶାଢ଼ିର, ଲୋଭ ଜରଜର
ଅବଶ୍ୟ ବଜାର ଭିତରେ
ଚିରକାଳ, ଗରାଖ ଈଶ୍ୱର ।

ପିତୁଳା ବଢ଼େଇ ଦେଲା
କୁର୍ଣ୍ଣିସ୍ କରି ତା'ର ପିନ୍ଧା ଶାଢ଼ି
ପ୍ରାଣ ଥାଆନ୍ତା କି ପିଣ୍ଡରେ ତା'ର
ଲୋଭ କଲି, ମୁଁ ଆହୁରି ଲୋଭକଲି ।

ଭୁଲ୍ ବୁଝନ୍ତୁନି ମତେ
ଯାହା ପାଇଁ କିଣାଗଲା ଶାଢ଼ି
ଖାଲି ଦେହରେ ଅବିକଳ
ତାହାରି ପରି ଦିଶୁଥିଲା ପିତୁଳା
ଶାଢ଼ି ନ ଥିଲେ ଦେହରେ
ସମାନ ସବୁ ନାରୀ
ବିପଣୀର ଏ ବ୍ୟାକରଣକୁ
ମୋ' ପରିକା ଆପଣ ଖାଲି
ବୁଝି ପାରିଲେ ହେଲା ।

– ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଅଡ଼ଶପୁର, କଟକ

# ଲୁହ ଝରିବାକୁ ଦିଅ

**ରଜତ ରଶ୍ମି ସ୍ୱାଇଁ**

ଲୁହ ଝରିବାକୁ ଦିଅ
କେତେ ଆଉ ଅଟକାଇବ ମନର କୋହ
ପୁଞ୍ଜିଭୂତ ଯେତେ ଦୀର୍ଘଶ୍ୱାସ
କାଗଜର ନାଆ କରି ଭସାଇ ଦିଅ ॥

ମୁଣ୍ଡ ଉପରେ ଥିବା
ପାହାଡ଼ର ବୋଝକୁ ଓହ୍ଲେଇଦିଅ
ବହୁ ଦିନୁ ବନ୍ଦ ପଡ଼ିଥିବା ସିନ୍ଦୁକକୁ
ଏଥର ଖୋଲିଦିଅ ॥

ଫୁଲପକା ରୁମାଲ
ଆଉ ନୀଳ ରଙ୍ଗ ଶାର୍ଟ କାଢ଼ି
ଛାତିରେ ଜାକି ଧର,
ଏଥର ଦିଶିବ
ବାପାଙ୍କ ହସ ଆଉ ବୋଉର କାନ୍ଦୁରା ମୁହଁ
ଯାହାକୁ ଛାଡ଼ି ଆସିଥିଲ
ସେଇ ଭୋଦୁଅରେ
ଘରୁ ଗୋଡ଼ କାଢ଼ିଲା ବେଳେ
ମିଛ ସ୍ୱପ୍ନର ମୋହରେ ॥

ଲୁହ ଝରିବାକୁ ଦିଅ
ଏଇ ମାଟି ଉପରେ
କାଶତଣ୍ଡୀ ପଠାରେ
ତୋଫା ଜହ୍ନର ଆକାଶରେ
ଦେଖିବ ବତୁରି ଯିବ ମାଟି
ଦିଶିବ ବୋଉର ମାଣଚିତା
ବାପାଙ୍କ ଛତା ଜୋତା ॥

ହାଲୁକା ହୋଇଯିବ ମନ
ପାଦ ଡେଇଁବନି
ଏରୁଣ୍ଡି ପାହାଚ ।
ବାପାବୋଉଙ୍କ ଫଟୋରେ
ନୂଆ ମାଳଟିଏ ଦିଅ ॥

କିଛି ତ ଦେଇ ପାରିଲିନି
ଲୁହ ଝରିବାକୁ ଦିଅ ॥

– ବଡ଼ବଜାର, ଜଗତ୍‌ସିଂହପୁର

# ଫଗୁଣ ଗଲା ପରେ

**ସୀମନ୍ତ ମହାନ୍ତି**

ମଳୟ ପବନ, କୁହୁତାନ
ରଙ୍ଗ ରୋଶଣି
ଫଗୁଣର ପଟୁଆର ଲମ୍ବେଇ
ଝୁଲି ଦୋହଲି
ଦୋଳି ଖେଳିଖେଳି
ତମେ ଆସିଥିଲ
ବିଚିତ୍ରବର୍ଣ୍ଣା ହୋଇ !

ଚାରିଆଡ଼େ ବର୍ଣ୍ଣାଳୀ
ଆଖି ଝଲସା ପ୍ରାଚୁର୍ଯ୍ୟ
ତା' ଭିତରେ ତଥାପି
ଏତେ ଅପ୍ରେମ ଅନ୍ଧାର ?
ଅସହାୟ ହାହାକାର
ମନ ଜଳେ
ଜୀବନରୁ କଲେଇ ଛାଡ଼େ ।

ଦରପୋଡ଼ା ଅଙ୍ଗାର ଖଣ୍ଡେ
ବଢ଼ିବଢ଼ି ଝାଞ୍ଜି ପିଟେ
ଧୂଆଁ ଉଠେ ମୋଡ଼ି ହୋଇ
ଲକ୍ଷେ ଫଗୁଣର ରଙ୍ଗ ନେଇ
ବିରହ ଶୀତେଇବାକୁ
ବ୍ୟାକୁଳ ହେଉଥାଏ
ରଙ୍ଗ ତଳେ ହଜିଗଲେ ସଭିଏଁ
ମହାମିଳନର ତୀର୍ଥଟିଏ
କେନା ମେଲାଏ ।

*–୪୬, ଶହୀଦ ନଗର, ଭୁବନେଶ୍ୱର*

ଗୀତି–କବିତା

# ତୁମେ ନାହଁ ବୋଲି

**ଧନଞ୍ଜୟ ସ୍ୱାଇଁ**

ତୁମେ ନାହଁ ବୋଲି ଫଗୁଣ ଧରାକୁ
ଆସିବାକୁ କରେ ଡେରି
ତୁମେ ନାହଁ ବୋଲି ନିଆଁଲଗା ଶୀତ
ଛାତି ମୋର ଦିଏ ଚିରି ॥ ୦ ॥

ମାଘର ମହମ ମେଘ ମୁହଁ ମୋଡ଼ି
ଦୂରେ ଭାସିଯାଏ ଚାଲି
ପଉଷ କୁହୁଡ଼ି କନ୍ଦାଏ କୁଆଁରୀ–
ବଉଳକୁ ପୋଡ଼ି ଜାଳି ।
ବଇରାଗୀ ଏବେ ଭଅଁର ଆସୁନି
ଫୁଲ ଉଆସକୁ ବୁଲି
ଛାତି ମୋର ଦିଏ ଚିରି... ॥ ୧ ॥

ଛାଇଛାଇ ଖରା ମାଟିରେ ପାରୁନି
ଝୋଟି ଚିତା ବୁଲିବୁଲି
ପୋଖରୀତୁଠରେ ଲାଗୁନାହିଁ ଭିଡ଼
ଗାଁ ମାଇପିଙ୍କ ମେଳି
ଦକ୍ଷିଣା ପବନ ଦାଣ୍ଡ ଦରଜାରୁ
ଫେରିଯାଏ ହାତ ଠାରି
ଛାତି ମୋର ଦିଏ ଚିରି... ॥ ୨ ॥

– ଅତିରିକ୍ତ ଶାସନ ସଚିବ,
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,
ରାଜ୍ୟ ସଚିବାଳୟ, ଭୁବନେଶ୍ୱର




# ନୂଆ ଆମ୍ବ ଗଛର ପ୍ରଥମ ବଉଳ ପରି ମୋ' ପ୍ରଥମ ଲେଖାର ସ୍ମୃତି...

**ଗୀତାଞ୍ଜଳି ମହାନ୍ତି କୈଶୋରରୁ କବିତା ଲେଖା ଆରମ୍ଭ କରନ୍ତି ଓ ପରେପରେ ଗଳ୍ପ, ପ୍ରବନ୍ଧ ଓ ଶିଶୁ ସାହିତ୍ୟରେ ମନୋନିବେଶ କରନ୍ତି। ପ୍ରକାଶିତ ଗ୍ରନ୍ଥ: 'ଲାଲ୍ ପରୀ' (ଶିଶୁ ଗୀତିଗ୍ରନ୍ଥ) ଓ 'ବର୍ତ୍ତୁଳ ବର୍ତ୍ତୁଳୀ' (କବିତା)। ଜୀବନର ଦୈନନ୍ଦିନତା ତାଙ୍କ ଲେଖାରେ ଧରାଦିଏ ଭାଷାର ଏକ ନିଷ୍କପଟ ସରଳତାରେ। କୋମଳମତି ପିଲାଙ୍କ ମନର ଭୋକ ମେଣ୍ଟାଇବାକୁ ତାଙ୍କର ପ୍ରାୟ ଶିଶୁ-ସୃଷ୍ଟି ହୋଇପଡ଼େ ଏକଏକ ପ୍ରଲୋଭନ...**


ଗୀତାଞ୍ଜଳି ମହାନ୍ତି

ଜୀବନର ନିଷ୍ଠୁର ସତ୍ୟକୁ ହୃଦୟଙ୍ଗମ କରି କବିତା ଲେଖିବା ଅଭ୍ୟାସ ହୋଇ ପଡ଼ିଥିଲା। ଲେଖାଲେଖି ଅନେକ ଆଗରୁ ଆରମ୍ଭ ହୋଇଥିଲେ ବି ପିଲାଳିଆ ସ୍ୱଭାବ ଯୋଗୁ ସେସବୁର ମହତ୍ତ୍ୱ ମୁଁ ବୁଝି ନ ଥିଲି। ସେ ସବୁ ଆଜି ଏପରି ରୂପ ନେଇ ଏମିତି ଭାବରେ ଆତ୍ମପ୍ରକାଶ କରିବ ବୋଲି ମୁଁ ଜାଣି ନ ଥିଲି। ମୋର ପ୍ରଥମ କବିତା 'ଶୂନ୍ୟତା' ଆଇନା ପତ୍ରିକାରେ ବହୁଦିନ ତଳେ ପ୍ରକାଶ ପାଇଥିଲା। ପରେପରେ ଶିଶୁ କବିତା 'ତ୍ରିରଙ୍ଗା' ଭୁବନେଶ୍ୱରର ଏକ ଖବରକାଗଜରେ ବାହାରିଥିଲା। 'ଶୀତ' ଶୀର୍ଷକ କବିତା ଏବଂ ଦୁଇଟି ଜଗନ୍ନାଥ ଜଣାଣ 'ଧରିତ୍ରୀ'ରେ ସ୍ଥାନିତ ହୋଇଥିଲା। ସେଦିନ ଥିଲା ରଥଯାତ୍ରା 'ଗୁଣ୍ଡିଚାର ଦିନ'। ମନ ଅଜଣା ପୁଲକରେ ପୁଲକିତ ହୋଇ ଉଠିଥିଲା।

ସେହିଦିନଠାରୁ ଅନେକ କବିତା, ଗଳ୍ପ ଓ ପ୍ରବନ୍ଧ ମୁଁ ଲେଖି ଚାଲିଛି। କଅଁଳ ମନର ପ୍ରତିଛବି ଭିତରେ ଗାଁର ପ୍ରାକୃତିକ ପରିବେଶ, ଋତୁ ବର୍ଣ୍ଣନା, ଦେଶାତ୍ମବୋଧକ ଭାବ ଓ ଚାଷୀ ମୂଲିଆର ଦୈନନ୍ଦିନ ଜୀବନଚର୍ଯ୍ୟାକୁ ନେଇ ଆତ୍ମପ୍ରକାଶ କରିଥିଲା ମୋର ପ୍ରଥମ ଶିଶୁ ଗୀତି ସଂକଳନ 'ଲାଲ୍ ପରୀ'। ସେଦିନ ଥିଲା ପଣାସଂକ୍ରାନ୍ତି। ସରଳ ଜୀବନର ନିରାଡ଼ମ୍ବର ଚଳଣି ମଧ୍ୟରେ ଶବ୍ଦରେ ଶବ୍ଦରେ କବିତାକୁ ରୂପଦେବା ମୋର ଏକ ନିଆରା ଅଭ୍ୟାସ। ପାରିପାର୍ଶ୍ୱିକ ସ୍ଥିତି, ପ୍ରାକୃତିକ ପରିବେଶ ଓ ସାଂପ୍ରତିକ ଘଟଣାବଳୀ ମନକୁ ଯେତେ ମାତ୍ରାରେ ଉଦ୍‌ବେଳିତ କରିଥାଏ, ତାହାର ଆଲେଖ୍ୟ ରୂପନିଏ ମୋ' କବିତା, ଗୀତ ଓ ଗଳ୍ପରେ।

ପ୍ରକାଶ ପାଇଲା ମୋର ଦ୍ୱିତୀୟ ସଂକଳନ 'ବର୍ତ୍ତୁଳ ବର୍ତ୍ତୁଳୀ'। ଏହାର ଆତ୍ମପ୍ରକାଶ ଅସମ୍ଭବ ମନେ ହେଉଥିଲେ ମଧ୍ୟ ସମ୍ଭବ ହେଲା ଓ ମୁଁ ପଢୁଥିବା ଅଲଣାହାଟ ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବକାଶରେ ଏହା ଉନ୍ମୋଚିତ ହେଲା।

ଜୀବନରେ ଅନେକ ଲେଖା ମୁଁ ଲେଖିଲିଣି। ସେ ସବୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ମଧ୍ୟ ହେଲାଣି। ପାଠିକାପାଠକଙ୍କଠୁଁ କମ୍ ଆଦର ବି ମିଳିନାହିଁ। କିନ୍ତୁ କାହିଁକି କେଜାଣି ଏକାଏକା ବସିଥିଲେ, କେବେକେବେ ମୋର ସେଇ ପ୍ରଥମ ଲେଖାଟି ଶୂନ୍ୟରେ ମେଘଖଣ୍ଡ ଭାସିଲା ପରି ମୋ' ସ୍ମୃତିପଟରେ ଭାସିଉଠେ। କବିତାଟି ସହିତ କେତେ କଥା ହାତ ଧରାଧରି ହେଇ ମୋତେ ସଂଖୋଳି ବସନ୍ତି। ସେ ଦିନର ସ୍ୱପ୍ନିଳ ଦୃଶ୍ୟପଟକୁ ମୁଁ ଚିହ୍ନେ ଓ ବିଭୋର ହୁଏ। ନୂଆ ଆମ୍ବ ଗଛର ପ୍ରଥମ ବଉଳ ପରି ମୋ' ପ୍ରଥମ ଲେଖାର ସ୍ମୃତି, ତା'ଠୁଁ ମୁଁ ଯେତେ ଦୂରକୁ ଦୂରକୁ ଯାଏ, ଦ୍ୱିଗୁଣ ମହକ ନେଇ ସେ ମୋ' ପଛେପଛେ ଧାଏଁ, ଧାଉଁଥାଏ।

## ପୁସ୍ତକ ପରିଚୟ

### ସୃଜନ-ସମୀକ୍ଷା ଚିନ୍ତନ-ବୀକ୍ଷା

**ଲେଖକ: ନୀଳାଦ୍ରିଭୂଷଣ ହରିଚନ୍ଦନ**
**ପ୍ରକାଶକ: ଅଗ୍ରଦୂତ, କଟକ-୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୭୫/-**




ବିଭିନ୍ନ ସମୟରେ ଲେଖିଥିବା ପ୍ରବନ୍ଧ, ସ୍ତମ୍ଭଲେଖ ଓ ସାହିତ୍ୟ-ଆଲୋଚନା ଆଦିକୁ ନେଇ ଆଲୋଚ୍ୟ ପୁସ୍ତକଟି ପରିକଳ୍ପିତ। ରଚନାର ଚାରିତ୍ରିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ଲେଖାଗୁଡ଼ିକୁ ବିଭିନ୍ନ ଶୀର୍ଷକରେ ସଂଯୋଜିତ କରାଯାଇଛି। ଯଥା: ସୃଜନ-ସମୀକ୍ଷା, ଲୋକ ସାହିତ୍ୟ, ନାଟକ ଓ ରଙ୍ଗମଞ୍ଚ, କବିତା, ଗଳ୍ପ, ଅନୁସୃଜନ, ରବୀନ୍ଦ୍ର ସମ୍ପର୍କ, ଭାଷା ଓ ଚିନ୍ତନ-ବୀକ୍ଷା। 'ସୃଜନ-ସମୀକ୍ଷା'ରେ ସ୍ଥାନିତ ସାରଳା-ସାହିତ୍ୟ ସମ୍ପର୍କିତ ଦୁଇଟି ମୌଳିକ ପ୍ରବନ୍ଧ। ସେହିପରି 'ଲୋକ ସାହିତ୍ୟ'ରେ ଅନ୍ତର୍ଭୁକ୍ତ 'ପୂର୍ବ ଭାରତୀୟ ସାହିତ୍ୟ ଓ ସଂସ୍କୃତିରେ କୃଷିକାରୀ ଶିବ' ତଥା 'ଦଣ୍ଡନାଟର ସାମାଜିକ ଦିଗ' ଶୀର୍ଷକ ନିବନ୍ଧ। 'କବିତା' ପର୍ଯ୍ୟାୟରେ ସଚ୍ଚି ରାଉତରାୟଙ୍କ କବିତାର ଏକ ଅନାଲୋଚିତ ଦିଗ ଯଥା: ତାଙ୍କ କବିତାରେ କୃଷକର ଚିତ୍ର ଆଲୋଚିତ। 'ଚିନ୍ତନ-ବୀକ୍ଷା' ବିଭାଗରେ ଯେଉଁ ୧୪ଟି ଚିନ୍ତାନିଷ୍ଠ ରଚନା ଅନ୍ତର୍ଭୁକ୍ତ, ତାହା ମୂଳତଃ 'ସ୍ତମ୍ଭଲେଖ', ଯାହା ଲେଖକଙ୍କର ସ୍ୱ-ଅଭିଜ୍ଞତା ଓ ଅନ୍ତର୍ଦୃଷ୍ଟିରେ ସମୁଜ୍ଜ୍ୱଳ।

### କୃଷ୍ଣଚୂଡ଼ାର ମୃତ୍ୟୁ

**ଲେଖିକା: ପୁଷ୍ପାଞ୍ଜଳି କର**
**ପ୍ରକାଶକ: ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧୧**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୦୦/-**




ବହିଟିରେ ଅଛି ମୋଟ ୧୪ଟି ଗଳ୍ପ। ପ୍ରତ୍ୟେକଟି ଗଳ୍ପରେ ସମକାଳୀନ ସମୟ ଓ ସମାଜର ହସ୍ତାକ୍ଷରକୁ ଚିହ୍ନିହୁଏ। ସ୍ୱୀକାରୋକ୍ତିରେ ଲେଖିକା ଲେଖିଛନ୍ତି: "ସବୁଗୁଡ଼ିକ ଗଳ୍ପ ମୁଁ ଲେଖିଛି ନିଜର ଅନୁଭୂତିକୁ ନେଇ। x x ଗଳ୍ପର ଚରିତ୍ରଗୁଡ଼ିକୁ ମୁଁ ସାଉଁଟେ ମୋ' ଚାରିକଡ଼ର ପୃଥିବୀ ଭିତରୁ। ସେମାନେ ହୋଇପାରନ୍ତି ଜଡ଼ବସ୍ତୁ ଅଥବା ଚେତନସତ୍ତା।" ବରିଷ୍ଠ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ବହିଟିର ଆକଳନ କରିବାକୁ ଯାଇ ପୁଷ୍ପାଞ୍ଜଳିଙ୍କ ଗଳ୍ପକୁ ଯେଉଁ ଦୁଇଟି ମୁଖ୍ୟ କାରଣରୁ ଭଲ ଗଳ୍ପର ମାନ୍ୟତା ଦେଇଛନ୍ତି, ତାହା ହେଲା ତାଙ୍କ ଗଳ୍ପରେ ଅଛି 'ଚେତନାର ପ୍ରସାରଣ' ଓ ପ୍ରୟୋଜନୀୟ 'ଉତ୍କଣ୍ଠା'। ଏହି କାରଣରୁ ବହିର ଗଳ୍ପଗୁଡ଼ିକ ସୁଖପାଠ୍ୟ ହୋଇପାରିଛି ବୋଲି ଶ୍ରୀ ଆଚାର୍ଯ୍ୟ ମତ ରଖିଛନ୍ତି। ଚଉଦଟିଯାକ ଗଳ୍ପକୁ ପଢ଼ିବା ପରେ ମନେହୁଏ, ବହିଟିର ପ୍ରାୟ ଗଳ୍ପକୁ ଲେଖିକା ଗଭୀର ସମ୍ବେଦନା ଦେଇ ଲେଖିଛନ୍ତି। ଗଳ୍ପର ଭାଷାରେ କେଉଁଠି କୃତ୍ରିମତା ନାହିଁ। ତେଣୁ ଏହା ସାଧାରଣ ପାଠିକାପାଠକଙ୍କ ଅବବୋଧରେ ଧରାଦିଏ।

### ଓଡ଼ିଆ ନାଟ୍ୟସାହିତ୍ୟ ଓ ନାଟ୍ୟକାର ବୀରବିକ୍ରମ ଦେବ

**ଲେଖକ: ଡ. ସୁଶାନ୍ତ କୁମାର ବିଶି**
**ପ୍ରକାଶକ: କାବ୍ୟଲୋକ, ଭୁବନେଶ୍ୱର-୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୩୫୦/-**




୩୩୬ ପୃଷ୍ଠାର ଏହି ଆଲୋଚନାଗ୍ରନ୍ଥଟି ଓଡ଼ିଆ ନାଟ୍ୟସାହିତ୍ୟକୁ ନାଟ୍ୟକାର ବୀରବିକ୍ରମ ଦେବଙ୍କ ଅବଦାନକୁ ନେଇ ପ୍ରସ୍ତୁତ। ଏହା ମୁଖ୍ୟତଃ ଏକ ଗବେଷଣାଗ୍ରନ୍ଥ ହୋଇଥିବାରୁ ଏଥିରେ ଗବେଷଣାର ପ୍ରୟୋଜନୀୟତା ଦୃଷ୍ଟିରୁ ପରିଚ୍ଛେଦ ବିଧାନ କରାଯାଇଛି। ଉପକ୍ରମଣିକା ଓ ଉପସଂହାରକୁ ଛାଡ଼ିଦେଲେ ଆଉ ୮ଟି ପରିଚ୍ଛେଦ ରହିଛି। ଏହି କ୍ରମରେ ଓଡ଼ିଆ ନାଟକର ଆଦି ପର୍ଯ୍ୟାୟ, ଖଡ଼ିଆଳର ସାଂସ୍କୃତିକ ପୃଷ୍ଠଭୂମି, ବୀରବିକ୍ରମ ଦେବଙ୍କ ସୃଷ୍ଟି ସମ୍ଭାର, ତାଙ୍କ ନାଟକର ବର୍ଗୀକରଣ, ଆଙ୍ଗିକ ଓ ଆତ୍ମିକ ବିଭବ, ବିକ୍ରମ ଦେବଙ୍କ ନାଟ୍ୟ ଓ ନୃତ୍ୟତତ୍ତ୍ୱ ଗ୍ରନ୍ଥ, ନାଟ୍ୟ ମଞ୍ଚାୟନ ଓ ସର୍ବୋପରି ଓଡ଼ିଆ ନାଟକରେ ବୀରବିକ୍ରମ ଦେବଙ୍କ ସ୍ଥାନ ନିରୂପଣ ଆଦି ଆଲୋଚିତ ହୋଇଛି। ପୁସ୍ତକଟି ତଥ୍ୟନିଷ୍ଠ ଓ ବିଭିନ୍ନ ପ୍ରସଙ୍ଗରେ ବିଶ୍ଳେଷଣଗୁଡ଼ିକ ଲେଖକଙ୍କ ମୌଳିକ ଅଭିଜ୍ଞାନର ପରିଚୟ ଦିଏ।

### ବିଦେଶ ଭ୍ରମଣ

**ଲେଖକ: ଶଙ୍କର୍ଷଣ ପଣ୍ଡା**
**ପ୍ରକାଶକ: ସମର୍ଥା ପବ୍ଲିକେଶନ, ଭୁବନେଶ୍ୱର-୧୪**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୦୦/-**




ଦୁଇଟି ଦେଶର ଭ୍ରମଣ ଅନୁଭୂତିକୁ ଲେଖକ ବହିଟିରେ ରୂପ ଦେଇଛନ୍ତି। ପ୍ରଥମ ଭାଗରେ ଥାଇଲାଣ୍ଡ ଓ ଦ୍ୱିତୀୟ ଭାଗରେ ନେପାଳ ଅନୁଭୂତି ସ୍ଥାନିତ ହୋଇଛି। ବିଭିନ୍ନ ଉପଶୀର୍ଷକରେ ଲେଖକ ତାଙ୍କ ଅଙ୍ଗେନିଭା ଅନୁଭୂତିକୁ ଲିପିବଦ୍ଧ କରିଛନ୍ତି, ଯଥା: ଲାବଣ୍ୟବତୀର ଦେଶ-ଥାଇଲାଣ୍ଡ, ରୂପସୀ ପଟ୍ଟାୟା, କୋରାଲ ଆଇଲାଣ୍ଡ ବା ପ୍ରବାଳ ଦ୍ୱୀପ, ବ୍ୟାଙ୍କକ୍ ଏକ ନଗର ନୁହେଁ-ନଗରୀ, ଫ୍ଲୋଟିଂ ମାର୍କେଟ୍, ମାମୁଘରେ ଛ'ଦିନ, ପଶୁପତିନାଥଙ୍କ ଦର୍ଶନ ଓ ଚିତ୍‌ୱାନର ପ୍ରାକୃତିକ ବିଭବ ଇତ୍ୟାଦି। ତା'ଛଡ଼ା ବହିଟିରେ ଥାଇଲାଣ୍ଡ ଓ ନେପାଳର ମାନଚିତ୍ର ସଂଯୋଜିତ ହୋଇଛି। ଥାଇଲାଣ୍ଡ ଓ ନେପାଳ ଅବସ୍ଥାନ କାଳରେ ବିଭିନ୍ନ ସ୍ଥାନରେ ନିଆଯାଇଥିବା ୩୧ଟି ଫଟୋଚିତ୍ର ପୁସ୍ତକରେ ସ୍ଥାନ ପାଇଛି। ବହିଟି ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।

### ପୁରାଣ କଥା ଓ କାହାଣୀ

**ଲେଖକ: ଡ. ଅଭିରାମ ଦାସ**
**ପ୍ରକାଶକ: ଲିପିକା, ଜଟଣୀ, ପୁରୀ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୩୫୦/-**




ପୁରାଣ କଥାକୁ ନେଇ ବହିଟି ରଚିତ ହୋଇଥିବାରୁ ଏଥିରେ ମୁଖ୍ୟତଃ ବିଭିନ୍ନ ଚରିତ୍ର ଓ ସେଇ ଚରିତ୍ରଗୁଡ଼ିକର ବୈଶିଷ୍ଟ୍ୟ ପ୍ରାଧାନ୍ୟ ପାଇଛି। କର୍ଣ୍ଣ, ଦ୍ରୌପଦୀ, ରଘୁ, ବିଭୀଷଣ, ରୁକ୍ମିଣୀ, କଚ-ଦେବଯାନୀ, ଭଗୀରଥ, ନଳ-ଦମୟନ୍ତୀ, ଜରତା ଓ ଋଷ୍ୟଶୃଙ୍ଗ, ଅହଲ୍ୟା, କୈକେୟୀ, ସାବିତ୍ରୀ, ଅଭିମନ୍ୟୁ, ବିଶ୍ୱାମିତ୍ର, ଜରାସନ୍ଧ, ଯକ୍ଷ, ଅଗସ୍ତ୍ୟ, ବେଲାଳସେନ, ବେଦବ୍ୟାସ, ବାଲ୍ମୀକି, ଦଧୀଚି, ବାଳୀ ସୁଗ୍ରୀବ ଓ ଶ୍ରୀରାମ, ଶକୁନି, ଅଞ୍ଜନା, ଅନସୂୟା, ରାବଣ, କାର୍ତ୍ତିକେୟ, ଅର୍ଜୁନ ଓ ଚିତ୍ରାଙ୍ଗଦା, ଗଙ୍ଗା ଓ ଅର୍ଜୁନ ଆଦି ଚରିତ୍ରକୁ ପୁରାଣର ଆଲୋକରେ ତୋଳି ଧରିଛନ୍ତି ଲେଖକ। ଚରିତ୍ର ଚୟନରୁ ଜାଣିହୁଏ ଲେଖକଙ୍କର ମନୋଭଙ୍ଗୀ। ବହିଟିକୁ ଆମୂଳଚୂଳ ପଢ଼ିଲେ ଲାଗେ ଯେମିତି ଗୋଟେ ଗଳ୍ପ ବହି ପଢୁଛି ପାଠକ। ଗଳ୍ପକାରିତା ସତ୍ତ୍ୱେ ପୁରାଣର ତଥ୍ୟଧର୍ମିତାଠାରୁ ପ୍ରସଙ୍ଗଗୁଡ଼ିକ ଦୂରେଇ ଯାଇନାହିଁ- ଏହା ହେଉଛି ବଡ଼ କଥା। ବହିଟି ସାଧାରଣରେ ଯେ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।